ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at
www.paryabekhyak.com

FIND US ON facebook.com/paryabekhyak
FOLLOW US ON TWITTER twitter.com/paryabekhyak

Vol.24 . No.301 Bhubaneswar Saturday, January 22, 2022 | ୨୪ତମ ବର୍ଷ ସଂଖ୍ୟା–୩୦୧ ଭୁବନେଶ୍ୱର, ଶନିବାର, ଜାନୁଆରୀ ୨୨, ୨୦୨୨ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹1.50 (Air Surcharge - 0.50P) Member-INS


## ଶଟର ପକାଇ ୨ ସରକାରୀ ଅଧିକାରୀଙ୍କୁ ପିଟିଲେ କେନ୍ଦ୍ର ମନ୍ତ୍ରୀ, ଜଣଙ୍କ ହାତ ଭାଙ୍ଗିଲା

ବାରିପଦା,୨୧।୧(ପି.ଏନ) : କେନ୍ଦ୍ର ଜଳ ଶକ୍ତି ଓ ଆଦିବାସୀ କଲ୍ୟାଣ ରାଷ୍ଟ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ନାଁରେ ଆସିଛି ସାଂଘାତିକ ଅଭିଯୋଗ। ସେ ରିଭ୍ୟୁ ପାଇଁ ଦୁଇ ସରକାରୀ ଅଧିକାରୀଙ୍କୁ ଦଳୀୟ କାର୍ଯ୍ୟାଳୟକୁ ଡାକି ମାଡ ମାରିଥିବା ଅଭିଯୋଗ ହୋଇଛି। ଏମିତିକି ସେମାନଙ୍କ ମଧ୍ୟରୁ ଜଣେ ଅଧିକାରୀଙ୍କ ହାତ ଭାଙ୍ଗି ଯାଇଛି। ଅନ୍ୟପକ୍ଷରେ ମନ୍ତ୍ରୀ ଶ୍ରୀ ଟୁଡୁ ଏହାକୁ ଖଣ୍ଡନ କରିଛନ୍ତି।ଏହି ଦୁଇ ଅଧିକାରୀ ହେଉଛନ୍ତି, ମୟୂରଭଞ୍ଜ ଜିଲ୍ଲା ଯୋଜନା ବୋର୍ଡ ଡେପୁଟି ଡାଇରେକ୍ଟର ଅଶ୍ୱିନୀ ମଲ୍ଲିକ ଓ ଆସିଷ୍ଟାଣ୍ଟ ଡାଇରେକ୍ଟର ଦେବାଶିଷ ମହାପାତ୍ର। ମନ୍ତ୍ରୀଙ୍କ ମାଡରେ ଦେବାଶିଷ ମହାପାତ୍ରଙ୍କ ହାତ ଭାଙ୍ଗି ଯାଇଛି। ଉଭୟ ବାରିପଦା ମେଡିକାଲ କଲେଜ ଓ ହସ୍ପିଟାଲ୍‌ରେ ଭର୍ତ୍ତି ହୋଇଛନ୍ତି।ଅଭିଯୋଗ ଅନୁଯାୟୀ, ସମୀକ୍ଷା କରିବା ପାଇଁ ଏହି ଦୁଇ ଅଧିକାରୀଙ୍କୁ ଗତକାଲି ଠାରୁ ମନ୍ତ୍ରୀଙ୍କ କାର୍ଯ୍ୟାଳୟ ତରଫରୁ ଯୋଗାଯୋଗ



କରାଯାଇଥିଲା। ସେମାନଙ୍କୁ ପ୍ରଥମେ ସର୍କିଟ୍ ହାଉସ୍‌କୁ ଡକା ଯାଇଥିଲା। ପରେ ଦଳୀୟ କାର୍ଯ୍ୟକୁ ଡକାଯାଇଥିଲା। ତେବେ ଏହି ଦୁଇ ଅଧିକାରୀ ଅଫିସ୍‌ରେ ସମୀକ୍ଷା କରାଯାଉ ବୋଲି କହିଥିଲେ। ଏହି କଥାକୁ ନେଇ ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ସେମାନଙ୍କ ଉପରେ ରାଗି ଯାଇଥିଲେ। ଏଣୁ ଆଜି ଯେତେବେଳେ ଏହି ଦୁଇ ଅଧିକାରୀ ମନ୍ତ୍ରୀଙ୍କ ଦଳୀୟ କାର୍ଯ୍ୟାଳୟରେ ପହଞ୍ଚିଲେ ସେହି କଥାକୁ ନେଇ ସାମାନ୍ୟ ଯୁକ୍ତିତର୍କ ହୋଇଥିଲା। ପ୍ରୋଟୋକଲ ଜଣାନାହିଁ କହି ମନ୍ତ୍ରୀ ଚିଡ଼ି ଉଠିବା ସହିତ ସେମାନଙ୍କୁ ମାଡ ମାରିଥିଲେ।ଆସିଷ୍ଟାଣ୍ଟ ଡାଇରେକ୍ଟର ଦେବାଶିଷ ମହାପାତ୍ର କହିଛନ୍ତି, ମନ୍ତ୍ରୀ ଆମକୁ ପ୍ରୋଟୋକଲ ଜଣାନାହିଁ ବୋଲି କହିଥିଲେ। ଆମେ କହିଥିଲୁ ନିର୍ବାଚନ ସମୟରେ ଫାଇଲ୍ ଧରି ଏଠାକୁ ଆସିବା ବି ଠିକ୍ ନୁହେଁ। ଏତିକିରେ ସେ ରାଗି ଯାଇଥିଲେ। ଜଣଙ୍କୁ ଦଳୀୟ କାର୍ଯ୍ୟାଳୟର ଶଟର ବନ୍ଦ କରିବାକୁ କହିଥିଲେ। ଶଟର ବନ୍ଦ ହେବା ପରେ ସେ ପ୍ରଥମେ ଏକ ଲୁହା ରଡ୍ ? ଉଠାଇଥିଲେ। ପରେ ଏକ ପ୍ଲାଷ୍ଟିକ୍ ଚୌକିରେ ମୋତେ ପିଟିଥିଲେ। ଡାଇରେକ୍ଟର ସାର୍ ତାଙ୍କୁ ଅଟକାଇବାରୁ ତାଙ୍କୁ ବି ମନ୍ତ୍ରୀ ମାଡ ମାରିଥିଲେ। ଯେଉଁ ଚୌକିରେ ଆମକୁ ପିଟିଥିଲେ, ତାକୁ ପୂରା ଭାଙ୍ଗି ଦେଇଥିଲେ।ଅନ୍ୟପକ୍ଷରେ ଏହି ଅଭିଯୋଗକୁ କେନ୍ଦ୍ର ମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, ଅଭିଯୋଗ ସଂପୂର୍ଣ୍ଣ ମିଥ୍ୟା। ନିର୍ବାଚନ ଥିବାରୁ ବଦନାମ କରିବା ପାଇଁ ଷଡ଼ଯନ୍ତ୍ର କରାଯାଇଛି। ସେମାନେ ରିଭ୍ୟୁ ପାଇଁ ଆସିଥିଲେ। ବ୍ୟସ୍ତ ଥିବାରୁ ମନା କରିଥିଲି ଓ ସେମାନେ ଫେରି ଯାଇଥିଲେ।

## ପୋସ୍କୋର ବିଫଳତା ପାଇଁ ଢ଼ିଙ୍କିଆବାସୀଙ୍କ ଉପରେ ରାଗ ସୁଝାଉଛନ୍ତି ସରକାର : କଂଗ୍ରେସ

ଭୁବନେଶ୍ୱର, ୨୧।୧(ପି.ଏନ): ରାଜ୍ୟରେ ଶିଳ୍ପାୟନ ନାମରେ ସରକାର ରାଜ୍ୟକୁ ବ୍ୟବସାୟୀଙ୍କ ହାତରେ ଟେକିଦେବାରେ ଲାଗିଛନ୍ତି। ଆଇନ ଅନୁଯାୟୀ ଜମି ଅଧିଗ୍ରହଣ କରିବାର ୫ ବର୍ଷ ମଧ୍ୟରେପ୍ରକଳ୍ପ ହୋଇନପାରିଲେ ଉକ୍ତ ଜମିକୁ ଏଲ.ଏ.ଆର.ଆର ଆକ୍ଟ- ୨୦୧୩ ଆଧାରରେ ଜମି ମାଲିକଙ୍କୁ ଫେରସ୍ତ କରିବାର ପ୍ରାବଧାନ ରହିଛି। କିନ୍ତୁ ଢ଼ିଙ୍କିଆରେ ପୋସ୍କୋର ବିଫଳତାକୁ ନେଇ ରାଜ୍ୟ ସରକାର ଭୋକ ବିକଳରେ ତାଟିଆ କାମୁଡ଼ି ଢ଼ିଙ୍କିଆବାସୀଙ୍କ ଉପରେ ପୋଲିସ ବଳ ଲଗାଇ ରାଗ ସୁଝାଉଛନ୍ତି ବୋଲି କଂଗ୍ରେସ କହିଛି। ରାଜ୍ୟ ସରକାର ଘରୋଇ କମ୍ପାନୀପାଇଁ ପକ୍ଷ ହୋଇ ଢ଼ିଙ୍କିଆବାସୀଙ୍କ ଉପରେ ଅତ୍ୟାଚାର କରିଚାଲିଛନ୍ତି। ଏପରିକି ମହିଳା ଓ ଶିଶୁ ଏଥିରୁ ବାଦ ପଡ଼ିନାହାନ୍ତି ଏବଂ ସବୁଠୁ ଆର୍ଶ୍ଚଯ୍ୟର କଥା ଘରୋଇ କମ୍ପାନୀକୁ ଜମି ଦେବା ପୂର୍ବରୁ ପରିବେଶ ମଞ୍ଜୁରି ନଥାଇ ସରକାର ଘରୋଇ କମ୍ପାନୀ ଆଗରେ ଆତ୍ମ ସମର୍ପଣ କରିଛନ୍ତି। ଏହି ଘଟଣା ଅତ୍ୟନ୍ତ ମାନବ ସମ୍ବେଦି ପ୍ରସଙ୍ଗ ହୋଇଥିଲେ ମଧ୍ୟ ପୋଲିସର କାର୍ଯ୍ୟକଳାପ ନେଇ ରାଜ୍ୟ ସରକାର ଚୁପ ବସିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ପ୍ରଦେଶ କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି ଜଗତସିଂହପୁର ପୋଲିସ ଏସପି ଏବଂ ସଂପୃକ୍ତ ଅଭୟଚାନ୍ଦପୁର ଥାନା ଅଧିକାରୀ ବିଗତ ଦିନରେ ୨୦୨୦ ମସିହାରେ ପୁରୀ ବାସେଲିସାହି ଥାନାରେ କେ ରମେଶ ନାମକ ଯୁବକଙ୍କର ହାଜତ ମୃତ୍ୟୁ ଘଟଣାକୁ ନେଇ ପୁଲିସ ମୁଖ୍ୟାଳୟକୁ ବଦଳି ହୋଇଥିଲେ କିନ୍ତୁ ସେହି ଥାନା ଅଧିକାରୀ ଓ ସେହି ନିର୍ଦ୍ଦିଷ୍ଟ ଏସ୍‌ପିଙ୍କୁ ରାଜ୍ୟ ସରକାର ଢ଼ିଙ୍କିଆରେ ତାଣ୍ଡବଲୀଳା ପାଇଁ ଦାୟୀତ୍ୱ ଦେଇଛନ୍ତି ବୋଲି ଶ୍ରୀ ମିଶ୍ର ସିଧାସଳଖ ଭାବେ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସରକାର ତଥା ବିଜୁ ଜନତା ଦଳ ନିଜର ରାଜନୈତିକ ମହତ ଆଙ୍କାକ୍ଷାକୁ ଚରିତାର୍ଥ କରିବାପାଇଁ ପୋଲିସ ବାହିନୀକୁ ସରକାରୀ ଗୁଣ୍ଡା ସଜାଇ ଢ଼ିଙ୍କିଆରେ ମାନବାଧିକାର ଉଲ୍ଲଙ୍ଘନ କରୁଛି ଯାହାକି ଜନମଙ୍ଗଳ ରାଷ୍ଟ୍ରରେ ଆଦୌ ଗ୍ରହଣୀୟ ନୁହେଁ ବୋଲି କଂଗ୍ରେସ କହିବା ସହିତ ଢ଼ିଙ୍କିଆରେ ସ୍ୱାଭାବିକ ପରିସ୍ଥିତି ଫେରାଇ ଆଣିବା ପାଇଁ ସରକାର ତୁରନ୍ତ ଢ଼ିଙ୍କିଆ ଅଂଚଳରୁ ପୋଲିସ ପ୍ରତ୍ୟାହାର କରନ୍ତୁ ବୋଲି ଦଳ ଦାବି କରିଛି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ପିସିସି ମୁଖପାତ୍ର ମନୋରଞ୍ଜନ ଦାଶ ଓ ସଂଯୋଜକ ଦୀପକ କୁମାର ମହାପାତ୍ର ଉପସ୍ଥିତ ଥିଲେ।

### ରାଜଧାନୀରେ ଘନ କୁହୁଡ଼ି

ଭୁବନେଶ୍ୱର,୨୧।୧(ପି.ଏନ): ଶୁକ୍ରବାର ସକାଳୁ ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସହରରେ ଘନ କୁହୁଡ଼ି ଦେଖାଦେଇଛି। ସକାଳୁ ସକାଳୁ ରାଜଧାନୀ ର ବିଭିନ୍ନ ସ୍ଥାନରେ ଘନ କୁହୁଡ଼ିର ଆସ୍ତରଣ ଦେଖାଯାଇଥିଲା। ଦୃଶ୍ୟମାନ ଦୂରତା ୧୦୦ ମିଟର ରୁ କିମ୍ବା ତାଠାରୁ ଆହୁରି କମ ରହିଥିଲା। ଫଳରେ ଯାତାୟତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡିଥିଲା। ଅପରପକ୍ଷରେ ଆଜିଠାରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ହେବାର ସମ୍ଭାବନାରହିଥିବା ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

### ସଂକ୍ରମଣ ତଳମୁହାଁ ହେଉଛି, ପିକ୍ ରେ ଅଛୁ କହିହେବ ନାହିଁ : ସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର, ୨୧।୧(ପି.ଏନ): ଟେଷ୍ଟିଂ କମିନାହିଁ। ଗାଇଡଲାଇନ ଅନୁସାରେ ଟେଷ୍ଟିଂ କରାଯାଉଛି। ଟେଷ୍ଟିଂର ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ଟେଷ୍ଟ କରାଯାଉଛି ବୋଲି ପ୍ରତିକ୍ରିୟା ରଖିଛନ୍ତି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର ।ସେ କହିଛନ୍ତି ଆକ୍ଟିଭ କେସରେ ଓଡ଼ିଶା ଅଷ୍ଟମ ସ୍ଥାନରେ ରହିବାର ଦୁଇଟି କାରଣ ରହିଛି । ଗୋଟିଏ ହେଲା, ଆମେ ଅଧିକ ରୋଗୀ ଚିହ୍ନଟ କରୁଛୁ । ସେଥିପାଇଁ ଅଧିକ ପଜିଟିଭ ବାହାରୁଛନ୍ତି। ସର୍ଭେଲାନ୍ସ, ଟେଷ୍ଟିଂ ଆମ ରାଜ୍ୟରେ ଭଲ ଅଛି। ଦ୍ୱିତୀୟରେ ଧୀରେ ଧୀରେ ଆମେ ତଳମୁହାଁ ହେଉଛୁ। ଏହି ତଳମୁହାଁ କେତେଦିନ ରହୁଛି, ଆଉ ୪-୫ ଦିନ ନଜର ରଖିବାକୁ ପଡ଼ିବ । ଏବେଠୁ କହି ହେବନି ପିକ୍ ରେ ପହଂଚି ଗଲେ ବୋଲି ।

## ଗୋଟିଏ ଦିନରେ ୯୮୩୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୨୧।୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୯୮୩୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୮୭୨୯୫ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୯୭୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୮୯ ହଜାର ୦୩୩ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୮୯୭୦୨ ରହିଛି ।ଆଜି ଚିହ୍ନଟ ହୋଇଥିବା ୯୮୩୩ ଜଣଙ୍କ ମଧ୍ୟରୁ ୫୬୯୯ଜଣ ସଂଗରୋଧରୁ ହୋଇଥିବା ବେଳେ ୪୧୩୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି ।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୯୪୬ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି ।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୧୪, ବାଲେଶ୍ୱର ଜିଲ୍ଲାରୁ ୨୮୬ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ ଜିଲ୍ଲାରୁ ୧୭୨ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୨୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୨୮୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧୨୦ , କଟକରୁ ୭୭୪ ସଂକ୍ରମିତ ହୋଇଛନ୍ତି। ଦେବଗଡ ଜିଲ୍ଲାରୁ ୪୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୯୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୮୮, ଗଂଜାମ ଜିଲ୍ଲାରେ ୬୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୧୫୨, ଯାଜପୁରରୁ ୨୫୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୬୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୧୭୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୯୧ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୯୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।କେନ୍ଦୁଝରରୁ ୧୬୮ , ଖୋର୍ଦ୍ଧାରୁ ୨୯୪୬ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୧୭୪ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜ ଜିଲ୍ଲାରୁ ୨୯୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୫୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୨୯୨ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧୭୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ପୁରୀ ଜିଲ୍ଲାରୁ ୧୪୬ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୨୭୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୨୦୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧୧୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୧୧୩୪, ଷ୍ଟେଟ୍ ପୁଲରୁ ୫୭୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

### ରାଜଧାନୀରେ ୨୪ ଘଂଟାରେ ୧୫୦୨ ପଜିଟିଭ୍

ଭୁବନେଶ୍ୱର,୨୧।୧(ପି.ଏନ): ରାଜଧାନୀରେ କରୋନା ସଂକ୍ରମଣ ବଢି ବଢି ଚାଲିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ଶୁକ୍ରବାର ଆଉ ୧୫୦୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେମାନଙ୍କ ମଧ୍ୟରୁ ୭୧ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୪୩୧ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୧୨୪୦ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି । ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି । ଗତକାଲି ୧୪୯୮ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ କେବଳ ଖଣ୍ଡଗିରି ଅଂଚଳରୁ ୧୬୩ ଜଣ ଆକ୍ରାନ୍ତ ରହିଛନ୍ତି ।

## ଗଣତନ୍ତ୍ର ଦିବସରେ କିଏ କେଉଁଠି ଉଡାଇବେ ଜାତୀୟ ପତାକା

ଭୁବନେଶ୍ୱର,୨୧।୧(ପି.ଏନ): କରୋନା ସଂକ୍ରମଣ ମଧ୍ୟରେ ଏଥର ରାଜ୍ୟବ୍ୟାପୀ ୭୩ତମ ଗଣତନ୍ତ୍ର ଦିବସ ପାଳନ କରାଯିବ। ଭୁବନେଶ୍ୱରସ୍ଥିତ ଗାନ୍ଧୀ ମାର୍ଗରେ ରାଜ୍ୟସ୍ତରୀୟ ପତାକା ଉତ୍ତୋଳନ ସମାରୋହରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିବେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଯୋଗଦେବେ। ସେହିପରି ଅନ୍ୟାନ୍ୟ ଜିଲ୍ଲା ଗୁଡ଼ିକରେ ମନ୍ତ୍ରୀ, ରାଜସ୍ୱ କମିସନର ଓ ଜିଲ୍ଲାପାଳ ମାନେ ପତାକା ଉତ୍ତୋଳନ କରିବେ। ତେବେ ରାଜ୍ୟର କେଉଁ ଜିଲ୍ଲାରେ କିଏ ପତାକା ଉତ୍ତୋଳନ କରିବେ, ସେ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇଛି। ସମ୍ବଲପୁରରେ ଜିଲ୍ଲା ସ୍ତରୀୟ ପତାକା ଉତ୍ତୋଳନ ସମାରୋହରେ ଅର୍ଥ ଓ ଅବକାରୀ ମନ୍ତ୍ରୀ ନିରଞ୍ଜନ ପୂଜାରୀ ଜାତୀୟ ପତାକା ଉତ୍ତୋଳନ କରିବେ। ସେହିପରି କଟକରେ ପରିବେଶ ଓ ଜଙ୍ଗଲ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ନୟାଗଡ଼ରେ ଖଣି ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ, ମୟୂରଭଂଜରରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ବରଗଡ଼ରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଅନୁଗୁଳରେ ପଂଚାୟତିରାଜ ଓ ନଗର ଉନ୍ନୟନ ପ୍ରତାପ ଜେନା ଓ ସୁବର୍ଣ୍ଣପୁରରେ କୃଷି ମନ୍ତ୍ରୀ ଅରୁଣ ସାହୁ ପତାକା ଉତ୍ତୋଳନ କରିବେ। ସେହିପରି କେନ୍ଦୁଝରରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି , ସୁନ୍ଦରଗଡ଼ରେ ଶ୍ରମ ମନ୍ତ୍ରୀ ସୁଶାନ୍ତ ସିଂହ, ନୂଆପଡାରେ ସ୍ୱାସ୍ଥ୍ୟମନ୍ତ୍ରୀ ନବ କିଶୋର ଦାସ ,ଗଂଜାମରେ ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ ଟୁକୁନି ସାହୁ, ମାଲକାନଗିରିରେ ଅନୁସୂଚିତ ଜାତି ଓ ଜନଜାତି ବିକାଶ ମନ୍ତ୍ରୀ ଜଗନ୍ନାଥ ସରକା, ରାୟଗଡ଼ାରେ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ବାଲେଶ୍ୱରରେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, କେନ୍ଦ୍ରାପଡ଼ାରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଂଜନ ଦାଶ, ଜଗତସିଂହପୁରରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, କନ୍ଧମାଳ ଠାରେ ଦକ୍ଷତା ବିକାଶ ମନ୍ତ୍ରୀ ପ୍ରେମାନନ୍ଦ ନାୟକ, ପୁରୀରେ ଜଳ ସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ, ନବରଂଗପୁରରେ ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପଦ୍ମିନୀ ଦିଆନ ଓ କୋରାପୁଟରେ କ୍ରୀଡ଼ା ଏବଂ ଯୁବ ସେବା ମନ୍ତ୍ରୀ ତୁଷାରକାନ୍ତି ବେହେରା ଜାତୀୟ ପତାକା ଉତ୍ତୋଳନ କରିବେ ।ଅପରପକ୍ଷରେ ବ୍ରହ୍ମପୁରରେ ଦକ୍ଷିଣାଂଚଳ ରାଜସ୍ୱ କମିସନର, ରାଉରକେଲାରେ ଉତରାଂଚଳ ରାଜସ୍ୱ କମିସନର ଓ ଖୋର୍ଦ୍ଧାରେ କେନ୍ଦ୍ରୀୟ ରାଜସ୍ୱ କମିସନର ସାଧାରଣତନ୍ତ୍ର ଦିବସରେ ମୁଖ୍ୟ ଅତିଥି ହେବେ। ବଲାଙ୍ଗୀର, ଭଦ୍ରକ, ବୌଦ୍ଧ, ଦେବଗଡ଼, ଢେଙ୍କାନାଳ, ଗଜପତି, ଯାଜପୁର, ଝାରସୁଗୁଡ଼ା ଓ କଳାହାଣ୍ଡିରେ ଜିଲ୍ଲାପାଳ ମାନେ ପତାକା ଉତ୍ତୋଳନ କରିବେ।

## ଆଦର୍ଶ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରୁଛି ବିଜେଡି : ବିଜେପି

ଭୁବନେଶ୍ୱର, ୨୧।୧(ପି.ଏନ): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ରାଜ୍ୟବ୍ୟାପୀ ଆଦର୍ଶ ନିର୍ବାଚନ ଆଚରଣ ବିଧି ଲାଗୁ କରିଥିବାବେଳେ ଶାସକ ବିଜେଡି ଦଳ ଜାଣିଶୁଣି ଏହି ନିୟମ ଉଲ୍ଲଂଘନ କରୁଛି। ନିର୍ବାଚନ ପ୍ରକ୍ରିୟା ସମୟରେ ଗହଳି କରିବା ପାଇଁ ସଂପୂର୍ଣ୍ଣ ବାରଣ କରାଯାଇଛି । ଏହା ସତ୍ତ୍ୱେ ଶାସକ ବିଜେଡି ତରଫରୁ ଗହଳି କରାଯାଇ ଆଚରଣ ବିଧି ଉଲ୍ଲଂଘନ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ପ୍ରଶାସନ ସାମ୍ନାରେ ଏବଂ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ ଶାସକ ବିଜେଡି ଦଳ ବାରମ୍ବାର ଆଇନ ଉଲ୍ଲଂଘନ କରୁଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଅନ୍ୟପକ୍ଷରେ ବିରୋଧୀ ଦଳଙ୍କ ପ୍ରତି ଜିଲ୍ଲା ପ୍ରଶାସନ ତରଫରୁ ଆକ୍ରୋଶମୂଳକ ବ୍ୟବହାର ପ୍ରଦର୍ଶନ କରାଯାଇ ହଇରାଣ କରାଯାଉଛି । ସମାନ ଘଟଣା ପାଇଁ ପ୍ରଶାସନର ଦୋମୁହାଁ ନୀତି କାହିଁକି ? ରାଜ୍ୟ ନିର୍ବାଚନ କମିଶନ ଯଥାଶୀଘ୍ର ବିହୀତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଜେପି ପ୍ରତିନିଧି ଦଳ ଦାବୀ କରିଛି । ଗଞ୍ଜାମ ଜିଲ୍ଲାରେ ଧରାକୋଟ ବ୍ଲକ ପଂଚାୟତ ସମିତି ସଦସ୍ୟ ଭାବେ ଶାସକ ବିଜେଡି ପ୍ରାର୍ଥୀନି ଶ୍ରୀମତି ସୁଲକ୍ଷଣା ଗୀତାଞ୍ଜଳୀ କୋଭିଡ କଟକଣାକୁ ଅମାନ୍ୟ କରି ଏକ ବିରାଟ ଶୋଭାଯାତ୍ରାରେ ହଜାର ହଜାର ସମର୍ଥକଙ୍କ ସହ ନାମାଙ୍କନ ପତ୍ର ପୂରଣ କରିବା ପାଇଁ ଯାଇଥିଲେ । ଯଦିଓ ଏହି ଘଟଣା ଜିଲ୍ଲା ପ୍ରଶାସନ ସମ୍ମୁଖରେ ଘଟିଥିଲା, ତଥାପି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଘଟଣା ସଂପର୍କରେ ସମସ୍ତ ତଥ୍ୟ ଓ ପ୍ରମାଣ ( ଭିଡିଓ ସିଡି) ପ୍ରଦାନ କରାଯାଇଛି ଏବଂ ରାଜ୍ୟ ନିର୍ବାଚନ କମିଶନ ତୁରନ୍ତ ଏହି ଘଟଣାର ସମୀକ୍ଷା କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ତରଫରୁ ଦାବୀ କରାଯାଇଛି ।ଏହି ପ୍ରତିନିଧି ଦଳରେ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ରବିଶଂକର ପଟ୍ଟନାୟକ, ମହେନ୍ଦ୍ର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ଆକ୍ରାନ୍ତଙ୍କ ଠାରୁ ସୁସ୍ଥ ଅଧିକ , ୨୪ ଘଂଟାରେ ସୁସ୍ଥ ହେଲେ ୧୦,୩୯୦ ଜଣ

ଭୁବନେଶ୍ୱର,୨୧।୧(ପି.ଏନ): ରାଜ୍ୟରେ ଆଜି ଆକ୍ରାନ୍ତଙ୍କ ତୁଳନାରେ ଅଧିକ କୋଭିଡ୍ ରୋଗୀ ସୁସ୍ଥ ହୋଇଛନ୍ତି। ଶୁକ୍ରବାର ୯୮୩୩ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୧୦ ହଜାର ୩୯୦ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୯୯ହଜାର ୪୨୩ରେ ପହଂଚିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି।ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୨୬୧୦ ଜଣ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୯୪୪ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି। କଟକରୁ ୯୪୪, ବାଲେଶ୍ୱରରୁ ୫୦୯, ସମ୍ବଲପୁରରୁ ୫୦୦, ମୟୂରଭଂଜରୁ ୩୭୬, ବଲାଙ୍ଗୀରରୁ ୩୦୮, ପୁରୀରୁ ୨୭୧, ନୟାଗଡ଼ରୁ ୨୧୪ ଓ ରାୟଗଡ଼ାରୁ ୧୯୫ ଜଣ କରୋନାରୁ ସୁସ୍ଥ ହୋଇଛନ୍ତି ।ସେହିପରି ଯାଜପୁରରୁ ୧୯୧, ସୁବର୍ଣ୍ଣପୁରରୁ ୧୫୧, ଜଗତସିଂହପୁର, କଳାହାଣ୍ଡି, ନବରଂଗପୁରରୁ ୧୪୪ ଲେଖାଏଁ, ଗଂଜାମରୁ ୧୩୮, କୋରାପୁଟରୁ ୧୩୬, ଝାରସୁଗୁଡ଼ାରୁ ୧୨୮, କେନ୍ଦୁଝରରୁ ୧୨୪, ଗଜପତିରୁ ୧୦୬, ଭଦ୍ରକରୁ ୧୦୧, ଅନୁଗୁଳରୁ ୧୦୦, ବରଗଡ଼ରୁ ୮୪, ମାଲକାନଗିରିରୁ ୮୨, କେନ୍ଦ୍ରାପଡ଼ାରୁ ୭୧, ଢେଙ୍କାନାଳରୁ ୪୪, କନ୍ଧମାଳରୁ ୪୧, ଦେବଗଡ଼ରୁ ୨୩ ଓ ରାଜ୍ୟପୁଲରୁ ୫୬୭ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି।

## ସ୍ମାର୍ଟ ସିଟିରେ ସ୍ମାର୍ଟ ପାର୍କିଂ ଫି' ଲୁଟ୍

ଭୁବନେଶ୍ୱର,୨୧।୧(ପି.ଏନ) : ଭୁବନେଶ୍ୱର ସ୍ମାର୍ଟ ସିଟିରେ ପାର୍କିଂ ଫି ନାମରେ ଚାଲିଛି ସ୍ମାର୍ଟ ଲୁଟ୍ ! ରାଜଧାନୀରେ ମାତିଛନ୍ତି ପାର୍କିଂ ମାଫିଆ। ମନ ଇଚ୍ଛା ପାର୍କିଂ ଫି ଆଦାୟ କରୁଛନ୍ତି। ଆଉ ବିଏମସିର ଧାର୍ଯ୍ୟ ଫି'ରୁ ଅଧିକ ଦେବାକୁ ମନାକଲେ, ଦେଖାଉଛନ୍ତି ନାଲି ଆଖି ।ଭୁବନେଶ୍ୱର ମାର୍କେଟ ବିଲ୍‌ଡିଂ ସ୍ଥିତି କଳାମନ୍ଦିର ପଛପଟ ପାର୍କିଂ ପ୍ଲେସରେ ୫ ଟଙ୍କିଆ ଟିକେଟ୍ ଉପରେ ପାର୍କିଂ ଷ୍ଟାମ୍ପ ଲଗାଇ ପ୍ରତି ଦୁଇ ଚକିଆ ଯାନ ପିଛା ଜବରଦସ୍ତି ଆଦାୟ କରାଯାଉଛି ୧୦ ଟଙ୍କା। ୫ ଟଙ୍କା ଜାଗାରେ ୧୦ ଟଙ୍କା କାହିଁକି ବୋଲି ପ୍ରଶ୍ନ କଲେ ଗାଡି ପଙ୍କ୍‌ଚର ହୋଇଯିବାର ଆଶଙ୍କା ରହିଛି। ସବୁଠାରୁ ବଡ କଥା ହେଲା, ଏହି ପାର୍କିଂ ଟେଣ୍ଡର ଅବଧି ସରିଯାଇଛି ଓ ନୂଆ ଟେଣ୍ଡର ପାଇଁ ନୋଟିସ୍ କରିଛି ବିଏମସି। ଅର୍ଥାତ୍ ଟେଣ୍ଡର ଅବଧି ନଥାଇ ବି ବେଆଇନ୍ ପାର୍କିଂ କରି ଅଧିକ ପଇସା ଆଦାୟ ଦେଉଛି ।କେବଳ ସେତିକି ନୁହେଁ ବିଏମସିର ନିୟମ ଅନୁଯାୟୀ ୨ ଘଣ୍ଟା ମଧ୍ୟରେ ଗୋଟିଏ ଜୋନ ଭିତରେ ଥିବା ୩ଟି ଯାକ ପାର୍କିଂ ସ୍ଥାନରେ ଗାଡି ପାର୍କ କଲେ ସେହି ଗୋଟିଏ ଟିକେଟର ପଇସା ଦେବାକୁ ପଡିବ। ହେଲେ ମାର୍କେଟ ବିଲ୍ଡିଂର କଳାମନ୍ଦିର ପଛପଟ ପାର୍କିଂ, କେଶରୀ ମଲ ପାର୍କିଂ ଓ କାମୟାବ ଅଫିସ ସମ୍ମୁଖ ପାର୍କିଂ ସବୁ ଗୋଟିଏ ଜୋନରେ ଆସୁଥିଲେ ବି ଭିନ୍ନ ଭିନ୍ନ ରଂଗର ଟିକେଟ୍ କାଟି ମନ ଇଚ୍ଛା ଅଧିକ ପଇସା ଆଦାୟ କରାଯାଉଛି । ଯାହାକୁ ନେଇ ଜଣେ ବାଇକ୍ ଚାଳକ କହିଛନ୍ତି "ରାଜଧାନୀର ସବୁ ସ୍ଥାନରେ ୫ ଟଙ୍କା ପାର୍କିଂ ଚାର୍ଜ । କିନ୍ତୁ ଏଠାରେ ୧୦ ଟଙ୍କା ଦେବାକୁ ବାଧ କରାଯାଉଛି ।"ସେହିପରି ଅନ୍ୟଜଣେ ଚାଳକ କହିଛନ୍ତି, ୧୦ଟଙ୍କା ନଦେଲେ ଲୋକ ଲଗାଇ ବାଡା ବାଡି କରିବେ, ତେଣୁ ବାଧ ହୋଇ ୫ ଟଙ୍କା ଜାଗାରେ ୧୦ ଟଙ୍କା ଦେଉଛୁ।"ଭୁବନେଶ୍ୱର ଇନ୍ଦ୍ରଧନୁ ମାର୍କେଟର ବିଶାଳ ମେଗାମାର୍ଟ ସମ୍ମୁଖ ପାର୍କିଂରେ ମଧ୍ୟ ଆହୁରି ସାଂଘାତିକ ସ୍ଥିତି



। ଏଠାରେ ଟିକେଟ୍ ଉପରୁ ୫ ଟଙ୍କାକୁ ସଂପୂର୍ଣ୍ଣ ଭାବେ କଲମରେ ଗାରେଇ ଦିଆଯାଇଛି। ଆଉ ଜବରଦସ୍ତ ୧୦ ଟଙ୍କା ଦେବା ପାଇଁ ବାଧ କରାଯାଉଛି। କାରଣ ମାଲିକ ୧୦ ଟଙ୍କା ନେବାକୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି କର୍ମଚାରୀ। ଏହାଠାରୁ ବି ବଡ ପାର୍କିଂ ମାଫିଆ ଖଣ୍ଡଗିରି ଛକରେ ପର୍ଯ୍ୟଟକଙ୍କୁ ଲୁଟୁଛନ୍ତି। ବିଏମସି ପାର୍କିଂର ପୋଷ୍ଟର ମାରି ନିଜେ ନିଜେ ଖଣ୍ଡଗିରି ପାର୍କିଂର ଟିକେଟ୍ କାଟି ପ୍ରତି ୨ ଚକିଆ ମାଲିକଙ୍କଠାରୁ ୨୦ ଟଙ୍କା ଲେଖାଏଁ ଆଦାୟ କରୁଛନ୍ତି। ମାଡ ଓ ପାଟିତୁଣ୍ଡ ଭୟରେ ଲୋକ ବି ୨୦ ଟଙ୍କା ଦେବାକୁ ବାଧ ହେଉଛନ୍ତି। ଯେହେତୁ ଲୋକଙ୍କ ବିରୋଧ ନାହିଁ ତେଣୁ ବିନା ଟେଣ୍ଡରରେ ବେଆଇନ ଭାବେ ଖୋଲାଖୋଲି ଚାଲିଛି ଲୁଟ୍ ।ବିଏମସିର ପାର୍କିଂ ପ୍ୟାକେଜ ତାଲିକାରେ ସ୍ପଷ୍ଟ ଲେଖା ହୋଇଛି ପ୍ରଥମ ୨ ଘଣ୍ଟା ପାଇଁ ପ୍ରତି ୨ ଓ ୩ ଚକିଆ ଯାନକୁ ୫ ଟଙ୍କା ଓ ୪ ଚକିଆ ଯାନ ପାଇଁ ୨୦ ଟଙ୍କା ଧାର୍ଯ୍ୟ କରାଯାଇଛି। କେବଳ ସେତିକି ନୁହେଁ ପ୍ରତି ପାର୍କିଂ ସ୍ଥାନରେ ରେଟ୍ ଚାର୍ଟ ସହ ଟେଣ୍ଡର ନେଇଥିବା ସଂସ୍ଥାରେ ଠିକଣା ଓ ଅବଧି ଲେଖିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। କିନ୍ତୁ ସବୁ ନିୟମର ଖୋଲାଖୋଲି ଖିଲାପ ହେଉଛି। ତେବେ ବେଆଇନ୍ ପାର୍କିଂ ଓ ଅଧିକ ଟଙ୍କା ଆଦାୟ କରୁଥିବା ପାର୍କିଂ ସ୍ଥାନ ଉପରେ ଚଢ଼ାଉ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ବିଏମସି ଡେପୁଟୀ କମିଶନର ଲକ୍ଷ୍ମୀକାନ୍ତ ସେଠୀ। ବିଏମସିର ଏହି ନୂଆ ଟେଣ୍ଡର ନୋଟିସ୍ ଅନୁସାରେ ଭୁବନେଶ୍ୱରରେ ଅଧାରୁ ଅଧିକ ପାର୍କିଂ ଏବେ ବେଆଇନ୍ ଭାବେ ଚାଲିଛି। ସେପଟେ କିନ୍ତୁ ପ୍ରତି ନିୟମ ଉଲଘଂନ ପାଇଁ ଟେଣ୍ଡର ନେଇଥିବା ସଂସ୍ଥା ଉପରେ ହଜାରେ ଟଙ୍କା ଜୋରିମାନାର ପ୍ରାବଧାନ ରହିଛି। ଏମିତିକି ଟ୍ରାଫିକ୍ ଡିସିପିଙ୍କୁ ମଧ୍ୟ ପାର୍କିଂ ସମ୍ବନ୍ଧୀୟ ସବୁ ନୋଟିସ ସଂପର୍କରେ ଅବଗତ କରାଯାଉଛି। ହେଲେ ବେଆଇନ୍ ପାର୍କିଂ ଉପରେ ସେ ବି ନିରବଦ୍ରଷ୍ଟା। ନିୟମ ଉଲଘଂନକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉନଥିବାରୁ ସ୍ମାର୍ଟସିଟିରେ ପାର୍କିଂ ନାଁରେ ଚାଲିଛି ହରିଲୁଟ୍।

## ୧୧ ଓଏଏସ୍ ଙ୍କୁ ଆଇଏଏସ୍ ପଦବୀକୁ ପଦୋନ୍ନତି

ଭୁବନେଶ୍ୱର, ୨୧।୧(ପି.ଏନ): ଓଡ଼ିଶା ପ୍ରଶାସନିକ ସେବାର ୧୧ଜଣ ବରିଷ୍ଠ ଅଧିକାରୀଙ୍କୁ ଆଜି କେନ୍ଦ୍ର ସରକାର ଆଇଏଏସ୍ ପଦବୀକୁ ପଦୋନ୍ନତି ଦେଇଛନ୍ତି। ଏନେଇ ଆଜି କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବା ସହ ଏହି ଅଧିକାରୀମାନଙ୍କୁ ୨୦୨୦ ସିଲେକ୍ଟ ଲିଷ୍ଟରେ ସାମିଲ କରାଯାଇଛି। ପରବର୍ତ୍ତୀ ସମୟରେ ଏହି ଅଧିକାରୀମାନଙ୍କୁ ଓଡ଼ିଶା କ୍ୟାଡ଼ର ଆବଂଟନ କରାଯିବ ।କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ ୨୦୨୦ ଜାନୁୟାରୀ ୧ରୁ ଡିସେମ୍ବର ୩୧ତାରିଖ ମଧ୍ୟରେ ଖାଲିପଡ଼ିଥିବା ପଦବୀରେ ୧୧ଜଣ ବରିଷ୍ଠ ଓଏଏସଙ୍କୁ ଆଇଏଏସ୍ ପଦବୀକୁ ପଦୋନ୍ନତି ଦିଆଯାଇଛି । ଆଇଏଏସ୍ ପଦବୀରେ ୨୦୨୦ ସିଲେକ୍ଟ ଲିଷ୍ଟରେ ସାମିଲ ଥିବା ଏହି ଅଫିସରମାନେ ହେଲେ ସୁଷମାରାଣୀ ଦେବୀ, ଦିଲ୍ଲୀପ ରାଉତରାଏ, ସୁଧାକର ବୁର୍ଗି, ଉଦ୍ଧବ ଚନ୍ଦ୍ର ମାଝୀ, ଜ୍ୟୋତି କୁମାର ଲାକ୍ରା, ଇନ୍ଦ୍ରମଣୀ ତ୍ରିପାଠୀ, ସୁବ୍ରତ ଶତପଥୀ, ତ୍ରିଲୋଚନ ପ୍ରଧାନ, ଆଲୋକ କୁମାର କର, ସୁଶାନ୍ତ କୁମାର ଦାଶ ଓ କମଳ ଲୋଚନ ମିଶ୍ର ଅଛନ୍ତି ।ତେବେ ଏହି ଅଫିସରମାନଙ୍କ ଆଇଏଏସ୍ ପଦବୀରେ ନିଯୁକ୍ତି ଓଡ଼ିଶା ହାଇକୋର୍ଟରେ ସଞ୍ଜିତା ଦାସ ମାମଲା ଏବଂ ସୂର୍ଯ୍ୟମାଧବ ପାଣିଗ୍ରାହୀଙ୍କ ଦ୍ୱାରା ସ୍ୟାଟରେ ଚାଲିଥିବା ମାମଲାର ଶୁଣାଣିର ଫଳାଫଳ ଉପରେ ନିର୍ଭର କରୁଛି ବୋଲି ବିଜ୍ଞପ୍ତିରେ ଉଲ୍ଲେଖ ରହିଛି ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିନ୍ଥେଟିକ ଘାସ। କାର ନିର୍ମାତାମାନେ ସେହି ସିନ୍ଥେଟିକ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚଳିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେଓ୍ୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେଓ୍ୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା'ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କର୍କଟ ରୋଗୀଙ୍କୁ କେଶ ଦାନ



ମୁମ୍ବାଇର ପ୍ରାୟ ୫୨ ଯୁବତୀ ସେମାନଙ୍କର କେଶ କର୍କଟ ଗୋଗୀଙ୍କର କେଶ କର୍କଟ ଗୋଗୀଙ୍କୁ ଦାନ କରିଛନ୍ତି । କର୍କଟ ରୋଗୀଙ୍କ ମନୋବଳ ବଢାଇବା ପାଇଁ ସ୍ଥାନୀୟ ପେଦାର୍ ରୋଡ଼ ସ୍ଥିତ ଯଶଲୋକ ଡାକ୍ତରଖାନା ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି । କର୍କଟ ପୀଡ଼ିତମାନେ ହଠାତ୍ ନିଜର ଶାରୀରିକ ପରିବର୍ତନକୁ ଗ୍ରହଣ କରିପାରନ୍ତି ନାହିଁ । ଫଳରେମାନସିକ ଦୁଶ୍ଚିନ୍ତା ଓ ଅବସାଦର ଶିକାର ହୁଅନ୍ତି । ଡାକ୍ତରକାନା ସହ ହେୟାର୍ ଷ୍ଟାଇଲିଶ ସପ୍ନା ଭବାନାନୀ ସାମିଲ ହୋଇଛନ୍ତି । କେଶ ଦାତାଙ୍କୁ ସେ ନୂଆ ଲୁକ୍ ଦେଇଛନ୍ତି । ଦାନ କରାଯାଇଥିବା କେଶକୁ କର୍କଟ ରୋଗୀଙ୍କ କଲ୍ୟାଣ ପାଇଁ କାର୍ଯ୍ୟରତ ଏକ ଏନ୍‌ଜିଓରେ ପ୍ରଦାନ କରାଯାଇଛି । ଏହା କେଶରେ ଓ୍ୱିଗ୍ ତିଆରି କରି କର୍କଟ ରୋଗୀଙ୍କୁ ଦିଆଯିବ । କେଶ ଦାନ କରିଥିବା ୨୧ ବର୍ଷୀୟ ସ୍ନେହ ଶେଟ୍ଟୀ କହନ୍ତି ମୋ କେଶ ପାଇଥିବା ମହିଳା ଏବେ ଖୁସି ହୋଇପାରିବେ ଏବଂ ପୂର୍ବ ଭଳି ପୁଣି ଥରେ ସୌନ୍ଦର୍ଯ୍ୟ ଫେରିପାଇଥିବେ ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କେନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି । ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡ଼ି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** – ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** – ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** – ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** – ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** – ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** – ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** – ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** – ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** – କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** – ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** – ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।




# ସ୍ୱାବଲମ୍ବୀ ହେବାର ପ୍ରକୃଷ୍ଟ ମାଧ୍ୟମ : ପାଳଛତୁ ଚାଷ

ବର୍ତ୍ତମାନ ସମୟରେ ଯୁବସମାଜ ନିଯୁକ୍ତି ପାଇଁ ବାରଦୁଆର ଶୁଣ୍ଢିପିଣ୍ଡା ହେଉଛନ୍ତି। ବାହାର ରାଜ୍ୟରେ ଦାଦନ ଖଟୁଛନ୍ତି। କିନ୍ତୁ ଏବେ ସମୟ ଆସିଛି ପରିବର୍ତ୍ତନର। ଦିନଥିଲା କୃଷି ହିଁ ସାମାଜିକ ଜନଜୀବନର ପ୍ରମୁଖ ଆଧାାର ଥିଲା। କୃଷିକୁ ଆଧାର କରି ଲୋକେ ପରିବାର ପ୍ରତିପୋଷଣ କରୁଥିଲେ। ଆଜି ଆଉ



ପ୍ରସ୍ତୁତି- ଡ଼ି ଶୁଭମ୍
ସଂଯୋଜକ, କୃଷି ଦୁନିଆ

ଚାଷବାସ ପ୍ରତି ସେପରି ଶ୍ରଦ୍ଧା ନାହିଁ। ନା ଅଛି ଆନ୍ତରିକତା ନା ଅଛି ମନୋବଳ। କେହି ବି ଆଉ କ୍ଷେତକୁ ପଶିବାକୁ ଇଚ୍ଛା ପ୍ରକାଶ କରୁନାହାନ୍ତି। ଚାଷ ନାଁ ଶୁଣିଲେ ନାକ ଟେକୁଛନ୍ତି। ପରନ୍ତୁ ଏପରି କିଛି ଚାଷ ଅଛି ଯାହାକୁ ଆପଣେଇପାରିଲେ କର୍ମନିଯୁକ୍ତି ମିଳିବା ସହ ଆତ୍ମନିର୍ଭରଶୀଳ ମଧ୍ୟ ହୋଇପାରିବେ। ସ୍ୱାବଲମ୍ବୀ ହେବାର ପ୍ରକୃଷ୍ଟ ମାଧ୍ୟମ ପାଳଛତୁ ଚାଷ। ସବୁଆଡ଼େ ଏବେ ଛତୁର ଢ଼େର ଚାହିଦା। ବଜାରରେ ବି ଛତୁର ସ୍ଥାନ ସ୍ୱତନ୍ତ୍ର। ଏପରି ସ୍ଥିତିରେ ଛତୁଚାଷ ଲାଭବାନ ହେବାର ଏକ ବିକଳ୍ପ କହିଲେ ଭୁଲ ହେବନାହିଁ। ଯୁବଗୋଷ୍ଠୀ ହୁଅନ୍ତୁ କି ନାରୀ , ଯିଏ କେହି ବି ଚାହିଁଲେ ଏହାକୁ ଚାଷ କରି ରୋଜଗାରକ୍ଷମ ହୋଇପାରିବେ। ତେବେ ଏଥର ପାଳଛତୁ ଚାଷର ବିସ୍ତୃତ ପ୍ରଣାଳୀକୁ ନେଇ ସ୍ୱତନ୍ତ୍ର ପ୍ରତିବେଦନ.....

**ଛତୁ ଚାଷ କଣ ପାଇଁ -**

ଓଡ଼ିଶାରେ ବିଭିନ୍ନ ଋତୁରେ ବିଭିନ୍ନ ପନିପରିବା , ଫୁଲ , ଫଳ ଇତ୍ୟାଦି ଚାଷ କରାଯାଇଥାଏ। ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ ଭାବେ ଶସ୍ୟ ଜାତୀୟ ଫସଲ ଉତ୍ପାଦନରେ ବେଶ ଆଗରେ ଅଛି। କିନ୍ତୁ ଛତୁ ଚାଷ ଏପରି ଏକ ମାଧ୍ୟମ ଯାହା ଦ୍ୱାରା ବେକାର ଯୁବକ ଯୁବତୀ ମାନେ ସହଜରେ ରୋଜଗାର କରିପାରିବେ। ନିଜ ଗୋଡ଼ରେ ନିଜେ



ଠିଆ ହେବାର ଏକ ସଫଳ ପ୍ରଚେଷ୍ଟା ଏହି ଚାଷ। ଏହାକୁ ଜଣେ କମ ସମୟ ମଧ୍ୟରେ ନିଜ ଘରେ ମଧ୍ୟ ଚାଷ କରିପାରିବ। ଆବଶ୍ୟକୀୟ ପଦ୍ଧତିକୁ ସୁଚାରୁ ରୂପେ ସମ୍ପାଦନ କରିପାରିଲେ କମ ସମୟରେ ଅମଳ କରି ଲାଭବାନ ବି ହୋଇପାରିବ। ବର୍ତ୍ତମାନ ଅନେକ ଯୁବଗୋଷ୍ଠୀ ଏହାକୁ ଆପଣେଇ ନିଜ ଘରେ ଚାଷକରି ବେଶ ପଇସା କମାଉଛନ୍ତି। ସୁତାରଂ, ଏହା ଏକ ସଫଳ ଚାଷ ଭାବେ ପରିଗଣିତ ହୋଇଛି।

**ତାପମାତ୍ରା ନିୟନ୍ତ୍ରଣ -**

ସାଧାରଣତଃ ୨୫-୨୫ ଡ଼ିଗ୍ରୀ ସେଲସିୟସ ତାପମାତ୍ରା ପାଳଛତୁ ଚାଷ ପାଇଁ ସର୍ବୋତ୍କୃଷ୍ଟ ହୋଇଥାଏ। ଓଡ଼ିଶାରେ ମାର୍ଚ୍ଚ ଠାରୁ ଆରମ୍ଭ କରି ନଭେମ୍ବର ଯାଏଁ ଏହାକୁ ଚାଷ କରାଯାଇପାରେ। ପାଳଛତୁ ଚାଷରେ ତାପମାତ୍ରା ନିୟନ୍ତ୍ରଣ ଏକ ପ୍ରମୁଖ ବ୍ୟବସ୍ଥା। କାରଣ ତାପମାତ୍ରାରେ ଅସାମଂଜସ୍ୟ ଦେଖାଗଲେ ଅମଳରେ ଅସୁବିଧା ଦେଖାଯାଏ। ୩୦ ରୁ ୩୫ ଡ଼ିଗ୍ରୀ ତାପମାତ୍ରା ଅମଳ ପାଇଁ ଉପଯୋଗୀ ହୋଇଥାଏ। ଖରାଦିନ ମାନଙ୍କରେ ଯଦି ତାପମାତ୍ରା ଅଧିକ ହୋଇଯାଏ ତାହେଲେ ଚାଷ କରାଯାଉଥିବା ସ୍ଥାନ ମାନଙ୍କରେ କାନ୍ଥରେ ଓଦା ଅଖା ଟାଣି ତାପମାତ୍ରା ନିୟନ୍ତ୍ରଣ କରାଯାଏ। ସକାଳ ଠାରୁ ସଂଧ୍ୟା ଯାଏଁ ଛତୁ ବେଡ଼ ଉପରୁ ପଲିଥିନ କାଢ଼ି ଦେବା ଆବଶ୍ୟକ। ପାଳଛତୁ ଅନ୍ୟ ଛତୁଚାଷ ଅପେକ୍ଷା ଅଧିକ ଆଲୋକ ଆବଶ୍ୟକ କରିଥାଏ। ତେଣୁ କାନ୍ଥ ବିହୀନ ଘରେ ଚାଷ କଲେ ଏହା ଭଲ ଫଳ ଦେଇଥାଏ। କାରଣ ଏହି ସ୍ଥାନରେ ଆବଶ୍ୟକ ମାତ୍ରାରେ ଆଲୋକ ମିଳିପାରେ। କାନ୍ଥ ଥିବା ଘରେ ଚାଷ କଲେ ସେଥିରେ ଝରକା ରହିବା ଦରକାର। କାରଣ ବିନା ଝରକାରେ ସୂର୍ଯ୍ୟାଲୋକ ସିଧାସଳଖ ଛତୁ ବେଡ଼ ଉପରେ ପଡ଼ିଥାଏ। ତେଣୁ ନଡ଼ା ଶୁଖିଯିବାର ସମ୍ଭାବନା ଥାଏ। ଏବେ ତ ଉତ୍ତାପ ବା ଆଲୋକ ନିୟନ୍ତ୍ରଣ ପାଇଁ ଅନେକ ବ୍ୟବସ୍ଥା ଉପଲବ୍ଧ ହେଲାଣି। ପାଳଛତୁ ଚାଷ ପାଇଁ ୮୫-୯୫ ପ୍ରତିଶତ ଆର୍ଦ୍ରତା ରହିବା ଆବଶ୍ୟକ। ଖରା ଦିନେ ଆର୍ଦ୍ରତା କମିଗଲେ ଚଟାଣରେ ପାଣିଢ଼ାଳି ଏହାକୁ ରକ୍ଷା କରାଯାଇପାରିବ। ଏତଦବ୍ୟତୀତ ପାଳଛତୁର ବୃଦ୍ଧି ଓ ଫୁଟିବା ସମୟରେ ଅମ୍ଳଜାନ ଆବଶ୍ୟକ ହୋଇଥାଏ। ତେଣୁ ବନ୍ଦ କୋଠରୀରେ ଏହାକୁ କରିବା ଅନୁଚିତ।

**ଆବଶ୍ୟକୀୟ ଉପାଦାନ -**

ନଡ଼ା - ପାଳଛତୁ ଚାଷରେ ନଡ଼ା ୧୫-୨୦ ବିଡ଼ା ଆବଶ୍ୟକ। ଧାନ ନଡ଼ା ନମିଳିଲେ ମାଣ୍ଡିଆ ବା ଆଖୁଛେଦା ବି ବ୍ୟବହାର କରାଯାଇପାରିବ।



**ଛତୁ ବିହନ** - ୩୫୦-୪୦୦ଗ୍ରାମର ଉଚ୍ଚ ବିହନ ପାଳଛତୁ ଚାଷ ପାଇଁ ଆବଶ୍ୟକ ହୋଇଥାଏ।

**ବେସନ ବା ଡ଼ାଲିଗୁଣ୍ଡ** - ଗୋଟିଏ ବେଡ଼ ଛତୁ ପାଇଁ ୨୦୦-୨୫୦ଗ୍ରାମ ଡ଼ାଲିଗୁଣ୍ଡ ଆବଶ୍ୟକ ହୁଏ। ଏହାକୁ ଛତୁର ଖାଦ୍ୟ ବୋଲି ବିବେଚନା କରାଯାଏ।

**ପଲିଥିନ** - ଛତୁ ବେଡ଼କୁ ଚାରିପଟୁ ଘୋଡ଼ାଇବା ପାଇଁ ପଲିଥିନ ଦରକାର। ୨ ଫୁଟ ଲମ୍ବ, ପସ୍ଥ ଓ ଉଚ୍ଚତାର ବେଡ଼ ପାଇଁ ୬ ଫୁଟ ଲମ୍ବ ଓ ପ୍ରସ୍ଥ ପଲିଥିନ ଆବଶ୍ୟକ ହୋଇଥାଏ।

**ଚାଷ ପ୍ରଣାଳୀ -**

ନଡ଼ା ବିଶୋଧନ- ପ୍ରଥମେ ନଡ଼ାର ଦୁଇ ପଟକୁ କାଟି ୨ ଫୁଟ ଲମ୍ବର ନଡ଼ା ପ୍ରସ୍ତୁତ କରନ୍ତୁ। ପରେ ଏହାକୁ ୧୨-୨୪ ଘଣ୍ଟା ଯାଏଁ ପରିଷ୍କାର ପାଣିରେ ବତୁରାଇ ରଖନ୍ତୁ। ଏହାକୁ ବତୁରାଇବା ପୂର୍ବରୁ ପାଣି ମଧ୍ୟରେ ଚୂନ ପକାନ୍ତୁ । କାରଣ ଏହା ଦ୍ୱାରା ମାଇସେଲିୟମ ଭଲ ଭାବରେ ବଢ଼ିଥାଏ। ୧ ଲିଟର ପାଣିରେ ୨୦ଗ୍ରାମ ଚୂନ ମିଶାଇ ସେଥିରେ ବତୁରାଇବା ଦରକାର। ଏହା ପରେ ଗରମ ପାଣିରେ (ଉଷୁମ) ୧୫-୨୦ ମିନିଟ ବୁଡ଼ାଇ ଏହାକୁ ସେଥିରୁ କାଢ଼ି ଏକ ଉଚ୍ଚା ଜାଗା କିମ୍ବା କୌଣସି ଏକ ସ୍ଥାନରେ ଢ଼େରଣା ଦେଇ ରଖାଯାଏ। ଯେପରିକି ନଡ଼ାରୁ ସମ୍ପୂର୍ଣ୍ଣ ଭାବେ ପାଣି ଗଡ଼ିଯାଇଥିବ। ନଡ଼ାରୁ ପୁରା ପାଣି ନିଗିଡ଼ା ଗଲା ପରେ ଏହାକୁ ଚାରି ଭାଗ କରାଯାଏ।

**ଭାଡ଼ି ପ୍ରସ୍ତୁତି** - ଭାଡ଼ିର ଚାରିପଟେ ୪ ଗୋଟି ଇଟା ଦେଇ ୨ ଫୁଟ ଲମ୍ବ , ୨ ଫୁଟ ଓସାରର ବାଉଁଶ ବା କାଠରେ ଭାଡ଼ି କରାଯାଏ। ଭାଡ଼ିଠୁ ମାଟି ୬-୧୨ ଇଂଚ ଉଚ୍ଚାରେ ରହିବା ଆବଶ୍ୟକ। ନହେଲେ ପିମ୍ପୁଡ଼ି , ମୂଷାର ଭାଡ଼ିକୁ ଆକ୍ରମଣ କରିବାର ଭୟ ଥାଏ।

**ମଂଜି** - ବୋତଲରେ ଥିବା ଛତୁ ବିହନକୁ ଭାଙ୍ଗି ବାହର କରାଯାଏ। ମଂଜି ଗୁଡ଼ିକୁ ଛୋଟ ଛୋଟ ଖଣ୍ଡରେ ବିଭକ୍ତ କରି ଏହାକୁ ଚାରି ଭାଗ କରାଯାଏ।

**ବେଡ଼ ପ୍ରସ୍ତୁତି** - ପ୍ରସ୍ତୁତ କରାଯାଇଥିବା ଭାଡ଼ି ଉପରେ ପୂର୍ବ -ପଶ୍ଚିମ କରି ଏକ ଭାଗ ନଡ଼ା ବିଛାଇ ଦିଆଯାଏ। ଏପରି କଲେ ନଡ଼ା ଭୁସୁଡ଼ିବ ନାହିଁ। ନଡ଼ା ଉପରୁ ୫-୭ ସେମି ଛାଡ଼ି ଗୋଟିଏ ଭାଗଛତୁ ବିହନକୁ ଗୋଟି ଗୋଟି କରି ରଖାଯାଏ। ଏକ ଭାଗ ଡ଼ାଲି ଗୁଣ୍ଡକୁ ଏହି ମଂଜି ଉପରେ ସମାନ ଭାବରେ ରଖାଯାଏ। ଏହା ଛତୁ ଭାଡ଼ିର ପ୍ରଥମ ସ୍ତର। ଏହା ପରେ ପ୍ରଥମ ସ୍ତର ଉପରେ ଉତ୍ତର -ଦକ୍ଷିଣ କରି ଆଉ ଏକ ଭାଗ ନଡ଼ା ରଖାଯାଏ। ଏବଂ ପୁଣି ପ୍ରଥମ ସ୍ତର ପରି ଆଉ ଏକ ଭାଗ ମଂଜି ଓ ନାଳି ଗୁଣ୍ଡକୁ ପ୍ରୟୋଗ କରାଯାଏ। ଦ୍ୱିତୀୟ ସ୍ତର ଉପରେ ପୂର୍ବ ପଶ୍ଚିମ କରି ଆଉ ଏକ ଭାଗ ନଡ଼ା ରଖାଯାଏ। ଏହା ପରେ ବାକି ଥିବା ୨ ଭାଗ ବିହନ ଓ ନାଳି ଗୁଣ୍ଡକ ପ୍ରୟୋଗ କରାଯାଏ। ଏହା ଛତୁ ବେଡ୍‌ର ତୃତୀୟ ସ୍ତର। ତୃତୀୟ ସ୍ତର ଉପରେ ଉତ୍ତର - ଦକ୍ଷିଣ ଦିଗରେ ପୁଣି ଏକ ଭାଗ ନଡ଼ା ବିଛାଇଦିଆଯାଏ। ଏପରି ଭାବେ ଚାରୋଟି ସ୍ତରକୁ ନେଇ ଗୋଟିଏ ବେଡ଼ ପ୍ରସ୍ତୁତ ହୋଇଥାଏ। ଏହା ପରେ ବେଡ଼କୁ ପଲିଥିନ ଦ୍ୱାରା ଘୋଡ଼ାଇ ଦିଆଯାଏ। ବେଡ଼ ପକାଇବାର ୪-୫ ଦିନ ପରେ - ପଲିଥିନ ଟେକି ବେଡ଼ର ବତରସ୍ତରକୁ ଅନୁଧ୍ୟାନ କରି ବତର କମ୍ ଥିଲେ ପାଣି ସ୍ପ୍ରେ କରିପାରିବେ। ୭-୧୦ ଦିନ ବେଳକୁ ଛତୁ ନଡ଼ା ଉପରେ ସମ୍ପୂର୍ଣ୍ଣ ମାଡ଼ିଗଲେ ପଲିଥିନକୁ ବାହାର କରିଦିଆଯାଏ।



**ଅମଳ ପ୍ରକ୍ରିୟା** - ବେଡ଼ ପକାଇବାର ୯-୧୦ ଦିନରେ ପ୍ରଥମ କଢ଼ ଦେଖାଦିଏ। ଏବଂ ଏହାର ୩-୪ ଦିନ ପରେ କଢ଼ ତୋଳାଯାଏ। କଢ଼ ଛତୁର ଚାହିଦା ବଜାରରେ ଅନେକ ଥାଏ। ତୋଳିବାର ଯଥାଶୀଘ୍ର ଏହାକୁ ବିକ୍ରି ପାଇଁ ନେବା ଆବଶ୍ୟକ। ନହେଲେ ଏହାର ଓଜନ କମିଯାଏ। ଗୋଟିଏ ଭାଡ଼ିରୁ ୨-୩ ଦିନ ଯାଏଁ ଅମଳ ମିଳିଥାଏ। ପ୍ରଥମ ପର୍ଯ୍ୟାୟର ୭-୮ ଦିନ ପରେ ପୁଣି ଫୁଟିଥାଏ। ଗୋଟିଏ ବେଡ଼ରୁ ୧-୧.୫ କିଗ୍ରା ଛତୁ ମିଳିପାରେ ।

## ସଫଳ ଛତୁ ଚାଷୀ - ଦେବୀ ପ୍ରସାଦ ପତି



କଟକ ଜିଲ୍ଲାର ବୟାଳିଶ ମୌଜା ଅଂଚଳର ଶ୍ରୀଯୁକ୍ତ ଦେବୀ ପ୍ରସାଦ ପତି। ଯୁବାବସ୍ଥାରୁ ଚାଷ ପ୍ରତି ଅହେତୁକ ନିଶା ରଖିଥିବା ଶ୍ରୀ ପତି ଜଣେ ସମାଜସେବୀ ହେଲେ ବି କୃଷି ପାଇଁ ତାଙ୍କ ମନ ସଦା ଆବେଗପୂର୍ଣ୍ଣ। ବର୍ତ୍ତମାନ ନିଜ ଗାଁରେ ଚାଷୀମାନଙ୍କୁ ଜୈବିକ କୃଷିର ତାଲିମ ଦେବା ସହ ଛତୁ ଚାଷ ଉପରେ ବି ପ୍ରଶିକ୍ଷଣ ଦେଉଛନ୍ତି। ନିଜେ ଘରେ ଛତୁ ଚାଷ କରି ବେଶ ଲାଭବାନ ହୋଇପାରିଛନ୍ତି ସେ। ତାଙ୍କ କହିବା ଅନୁସାରେ ଛତୁ ଚାଷ ପାଇଁ ପରିଶ୍ରମ କମ ହେବା ସହ ଟଙ୍କା ମଧ୍ୟ ଅଳ୍ପ ଖର୍ଚ୍ଚ ହୋଇଥାଏ। ଜଣେ ଯଦି ଠିକ ଭାବେ ସମୟ ଦେଇ ଏହାକୁ ପରିଚାଳନା କରିପାରିଲା , ତେବେ ନିଶ୍ଚୟ ଲାଭାନ୍ୱିତ ହୋଇପାରିବ । ସେ ନିଜେ ଛତୁ ଚାଷ କରି ପାଖ ବଜାରକୁ ପଠାଇବା ସହ ଏବେ ନିଜ ଗାଁ ପାଇଁ ପାଲଟିଯାଇଛନ୍ତି ରୋଲ ମଡ଼େଲ। ଜଣେ ସଫଳ ଛତୁ ଚାଷୀ ଭାବେ ଆଜି କଟକ ଜିଲ୍ଲାରେ ତାଙ୍କର ବେଶ ପରିଚୟ ମଧ୍ୟ ରହିଛି। ଆଗକୁ ଯୁବକ ମାନେ ଏହି ଛତୁକୁ ଆପଣେଇଲେ କର୍ମ ନିଯୁକ୍ତି ପାଇପାରିବେ ବୋଲି ଶ୍ରୀ ପତି ନିଜ ପ୍ରତିକ୍ରିୟାରେ କହିଛନ୍ତି। ଛତୁ ଚାଷ ଏକ କଷ୍ଟଦାୟକ ଚାଷ ନୁହେଁ , ବରଂ ଏହା ଦ୍ୱାରା ଆତ୍ମସନ୍ତୋଷ ମିଳିଥାଏ । ତେଣୁ ଛତୁ ଚାଷ କରି ନିଜକୁ ବି ରୋଜଗାରକ୍ଷମ କରନ୍ତୁ ଆଉ ଲାଭବାନ ବି ହୁଅନ୍ତୁ।

# ଯୁବ ଉଦ୍ୟୋଗର ନୂଆ ସମ୍ଭାବନା : ମିଶ୍ରିତ ମାଛଚାଷ

ମାଛଚାଷ ରେ କେବଳ ଥରେ ମାଛ ଯାଆଁଳ ପୋଖରୀ ବା ଗାଡ଼ିଆରେ ଛାଡ଼ି ଦେଇ ବର୍ଷ ? ଛଅ ମାସ ବ୍ୟବଧାନରେ ସେଥିରୁ ଆମଦାନୀ କରିବାକୁ ମାଛଚାଷ କୁହାଯାଏ ନାହିଁ । ଏହା ଅନ୍ଧାରରେ ବାଡ଼ି ବୁଲେଇବା ସହ ସମାନ । ଲାଭଜନକ ଭାବରେ ମାଛଚାଷ କରିବାକୁ ହେଲେ ଆପଣଙ୍କୁ ନୂଆ ନୂଆ ଧରଣର ମାଛଚାଷର ପଦ୍ଧତିକୁ ଅନୁସରଣ କରିବାକୁ ପଡ଼ିଥାଏ, ଯଥା : ବ୍ୟବହାରିକ ମାଛଚାଷ, ସଘନ ପ୍ରଣାଳୀରେ ମାଛଚାଷ ଅଥବା ମିଶ୍ରିତ ମାଛଚାଷ ଇତ୍ୟାଦି । ଉପରୋକ୍ତ ଚାଷ ପ୍ରଣାଳୀ ମଧ୍ୟରୁ ମିଶ୍ରିତ ମାଛଚାଷ ପ୍ରଣାଳୀ ଆଜି ଆମ ଦେଶରେ ବହୁତ ଭାବରେ କରାଯାଉଛି, ଏହାର କାରଣ ଆପଣ ଯଦି ମିଶ୍ରିତ ମାଛଚାଷ କରନ୍ତି ତେବେ ମାଛ ସଙ୍ଗେ ସଙ୍ଗେ ସେହି ସ୍ଥାନରୁ ଆପଣ ଏକାଧାରରେ ମାଛ, ମାଂସ, ଅଣ୍ଡା, ଦୁଗ୍ଧ, ପନିପରିବା, ଫଳ ଇତ୍ୟାଦି ପାଇପାରିବେ ।

ତେଣୁ ଆସନ୍ତୁ ବର୍ତ୍ତମାନ ମିଶ୍ରିତ ମାଛର ପ୍ରଣାଳୀ ବିଷୟରେ କିଛି ଅଧିକ ଜାଣିବା । ମିଶ୍ରିତ ମାଛଚାଷରେ ଧାନ ଏବଂ ମାଛ, କୁକୁଡ଼ା ଏବଂ ମାଛ, ଗାଈ ଏବଂ ମାଛି, ବତକ ଏବଂ ମାଛଚାଷ ଏକା ସାଙ୍ଗରେ କରାଯାଇଥାଏ ।ଆପଣଙ୍କ ପୋଖରୀ ଚାରିପଟେ ଥିବା ବନ୍ଧରେ ସାଧାରଣତଃ ଆପଣ ଘାସ ଲଗାଇଥାନ୍ତି କାରଣ ବନ୍ଧ ଯଦି ଘାସ ଦ୍ୱାରା ଆବୃତ ହୋଇ ନଥାଏ ତେବେ ବନ୍ଧରୁ ମାଟି ଅତଡ଼ା ଖସିବା ସଙ୍ଗେ ସଙ୍ଗେ ମୃତ୍ତିକା କ୍ଷୟ ହୋଇଥାଏ । କିନ୍ତୁ ଏହି ଘାସ ଆପଣଙ୍କର କୌଣସି ଦରକାରୀ କାମରେ ଆସେ ନାହିଁ, ଯଦି ଆପଣ କିଛି ଗାଈ ରଖନ୍ତି ତେବେ ଗାଈ ଘାସ ଖାଇବେ ଏବଂ ଗାଈର ଗୋବରକୁ ଆପଣ ପୋଖରୀରେ ଖତ ଭାବରେ ବ୍ୟବହାର କରିପାରିବେ । ଯଦି ପୋଖରୀ ବନ୍ଧରେ ଆପଣ ନଡ଼ିଆ, କାଜୁବାଦାମ, ଗୁଆ, ଅନ୍ୟାନ୍ୟ ପନିପରିବା ଲଗାନ୍ତି ତେବେ ଏକ ସଙ୍ଗରେ ଆପଣ ପୋଖରୀରୁ ପାଣି ଦେଇ ଗଛମାନଙ୍କୁ ବଢ଼ାଇପାରିବା ସଙ୍ଗେ ସଙ୍ଗେ ଏହାର ଫଳ ଇତ୍ୟାଦି ବିକ୍ରୀ କରି ଆପଣ ମାଛଛଡ଼ା ଆଉ ଦୁଇ ପଇସା ଅଧିକ ରୋଜଗାର କରିପାରିବେ । ମାଛଚାଷ ହେଉଥିବା ପୋଖରୀରେ



ଜଳ, ଗେଣ୍ଡା, ଶାମୁକା ଇତ୍ୟାଦି ରୁହନ୍ତି, ଆପଣ ଯଦି କିଛି କୁକୁଡ଼ା ବା ବତକ ରଖିବେ ତେବେ ବତକମାନେ ପୋଖରୀ ପାଣିକୁ ସଫା ରଖିବା ସଙ୍ଗେ ସଙ୍ଗେ ସେମାନେ ପୋଖରୀରେ ମଳତ୍ୟାଗ କରନ୍ତି ଯାହା କି ସାର ରୂପରେ ବ୍ୟବହାର ହୋଇଥାଏ । ସାର ପକାଇବା ପାଇଁ ଆପଣଙ୍କୁ ଅଧିକ ପରିଶ୍ରମ ବା ପାରିଶ୍ରମିକ ଦେବାକୁ ହୋଇ ନଥାଏ ଏବଂ ତତ୍ ସଙ୍ଗେ ସଙ୍ଗେ ଏମାନଙ୍କର ଅଣ୍ଡା ବା ମାଂସ ଆପଣ ବିକ୍ରୟ କରିପାରିବେ । ଯଦି କୁକୁଡ଼ା ରଖନ୍ତି ତେବେ କୁକୁଡ଼ାମାନଙ୍କୁ ପୋଖରୀରେ ବଢୁଥିବା ଗେଣ୍ଡା, ଶାମୁକା ଇତ୍ୟାଦି ଖାଇବାକୁ ଦିଅନ୍ତୁ । କୁକୁଡ଼ାର ମଳ ମଧ୍ୟ ଆପଣ ପୋଖରୀରେ ବ୍ୟବହାର କରି ଲାଭବାନ୍ ହେବେ । ତେଣୁ ମିଳିତ ମାଛଚାଷରେ ପଶୁଧନ ପାଳନରୁ ସୃଷ୍ଟି ହେଉଥିବା ବର୍ଜ୍ୟବସ୍ତୁ ଯଥା – ଗୋବର, ଛେଳିଲଣ୍ଡି, କୁକୁଡ଼ା ଖତ ପ୍ରଭୃତି ମାଛଚାଷ ପାଇଁ ଜୈବିକ ସାର ରୂପେ ବ୍ୟବହାର ହୋଇ ପାରିବା ସଙ୍ଗେ ସଙ୍ଗେ ପୋଖରୀର ଜଳ ଓ ଜୈବିକ ଗୁଣ ସାରଯୁକ୍ତ ପଙ୍କକୁ ବିଭିନ୍ନ ଫସଲ ପାଇଁ ବିନିଯୋଗ କରାଯାଇପାରେ । ଏହାଦ୍ୱାରା ଆବର୍ଜନା ପୁନଃଚକ୍ରୀକରଣ ହୋଇ ଏକ ସୁସ୍ଥ ପରିବେଶ ସୃଷ୍ଟି ହେବା ସଙ୍ଗେ ସଙ୍ଗେ ଏକକ ଆୟତନ ବିଶିଷ୍ଟ ଜମିରୁ ଅଧିକ ଅମଳ ମିଳିପାରିଥାଏ ।

**ଧାନ କ୍ଷେତରେ ମାଛ ଚାଷ**

ଭାରତ ବର୍ଷରେ ପ୍ରାୟ ୩.୧ ନିୟୁତ ହେକ୍ଟର ପରିମିତ ଉପକୂଳବର୍ତ୍ତୀ ଲୁଣି ଜମି ଅଛି ବୋଲି ଅଟକଳ କରାଯାଇଛି, ଯାହାକି ଉପକୂଳଠାରୁ ପ୍ରାୟ ୫୦ କିଲୋମିଟର ସ୍ଥଳଭାଗ ଭିତରକୁ ବିସ୍ତାର ଲାଭ କରିଅଛି । ଲୁଣି ଜୁଆର ପାଣି ସ୍ଥଳ ଭାଗରେ ଜମି ରହିବା ଏବଂ ତତ୍ ସହିତ ନଦୀ ମୁହାଣ, କେନାଲ ଓ ନଦୀ ଭିତରକୁ ସର୍ବଦା ସମୁଦ୍ର ଜଳର ପ୍ରବେଶ, ଉପରୋକ୍ତ ମାଟିର ଲବଣତାର ମୁଖ୍ୟ କାରଣ । ମାଟି ତଳର ଜଳସ୍ତର ସାଧାରଣତଃ କମ୍ ଗଭୀରରେ ଥାଏ ଓ ତାହା ବହୁ ପରିମାଣର ଦ୍ରବୀଭୂତ ଲବଣ ଧାରଣ କରିଥାଏ । ଏହି ଭୂମଧ୍ୟସ୍ଥ ଲବଣ ମାଟି ଦ୍ୱାରା ଶୋଷି ହୋଇ ମାଟିର ଉପରି ଭାଗରେ ଆସି ଜମା ହୋଇଥାଏ । ତେଣୁ ବର୍ଷର ଶୁଖୁଲା ଦିନମାନଙ୍କରେ ଏହି ମାଟି ବହୁତ ଲବଣାକ୍ତ ଥାଏ । ପ୍ରାୟ ସମୁଦାୟ ଉପକୂଳବର୍ତ୍ତୀ ଜମିଗୁଡ଼ିକ ବର୍ଷା ଉପରେ ନିର୍ଭର କରିଥାଏ ଓ ଏହି ଜମିରେ ବର୍ଷରେ କେବଳ ଗୋଟିଏ ଚାଷ କରାଯାଇଥାଏ । ମୁଖ୍ୟତଃ ବର୍ଷା ଦିନରେ ଏହି ମାଟିରେ ଲବଣ ଅଂଶ କମ୍ ଥାଏ ଓ ଖରିଫ୍ ଧାନ ଚାଷ କରାଯାଇଥାଏ । ବର୍ଷର ଅବଶିଷ୍ଟ ସମୟରେ ଅଧିକ ଲବଣ ଏବଂ ଜଳସେଚନର ଅଭାବ ଯୋଗୁଁ ଏହି ଜମିଗୁଡ଼ିକ ସାଧାରଣତଃ ଖାଲି ପଡ଼ିଥାଏ।

ପୁନଶ୍ଚ ଏହି ଧାନଜମି ଗୁଡ଼ିକରେ ଧାନଚାଷ ସଂପୂର୍ଣ୍ଣ ବର୍ଷାଜଳ ଉପରେ ନିର୍ଭର କରିଥାଏ ଓ ପ୍ରତି ବର୍ଷ ଆଶା ଜନକ ଅମଳ ହୋଇପାରେ ନାହିଁ । ଏକକାଳୀନ ଧାନ ଓ ମାଛଚାଷ କରିବାର ମୁଖ୍ୟ ଲକ୍ଷ୍ୟ ହେଉଛି, ଖରିଫ୍ ଧାନଚାଷରେ କ୍ଷତି ନଘଟାଇ ବର୍ଷରେ ଖାଲି ପଡୁଥିବା ସମୟରେ ଉପରୋକ୍ତ ମାଛଚାଷ କରିବା ।

ପଶ୍ଚିମବଙ୍ଗରେ ନଦୀମୁହାଣର ଉପରି ଭାଗ ଓ ମଧ୍ୟଭାଗରେ ଯେଉଁଠାରେ ଜଳର ଲୁଣି ଅଂଶ କମ୍ ବା ମଧୁର ଜଳର ପ୍ରବେଶ ହେତୁ ଲୁଣି ଭାଗ କମ୍ ଥାଏ, ସେହି ଅଞ୍ଚଳ ଧାନ ଜମିମାନଙ୍କରେ ମାଛଚାଷ କରିବା ପଦ୍ଧତି ପ୍ରଚଳିତ । କେରଳର ପୋକାଲି ଚାଷ ଜମିରେ ଖରାଦିନେ ଖାଲି ପଡୁଥିବା ଜମିଗୁଡ଼ିକ କୃଷକମାନଙ୍କ ଦ୍ୱାରା ମାଛ ଚାଷ ଦ୍ୱାରା ବିନିଯୋଗ କରାଯାଇଥାଏ । ଏହି ପ୍ରକାର ଚାଷରେ ବାର୍ଷିକ ପ୍ରାୟ ୩୦୦ ରୁ ୧୦୦୦ କି.ଗ୍ରା. ମାଛ ପ୍ରତି ହେକ୍ଟରରୁ ଆମଦାନୀ କରାଯାଇଥାଏ ।

**ମାଛଚାଷ ସହ ଗାଈ ପାଳନ:**

ଏହି ପ୍ରଣାଳୀ ନିମିତ୍ତ ଏକ ଏକର ଜଳାୟତନ ବିଶିଷ୍ଟ ପୋଖରୀ ପାଇଁ ୩ ଗୋଟି ସଙ୍କର ଜାତୀୟ ଦୁଆଳୀ ଗାଈ ସହ ସେମାନଙ୍କର ବାଛୁରୀ ଗୁଡ଼ିକୁ ହୁଡ଼ା ଉପରେ ଗୁହାଳ କରି ପାଳନ କରାଯାଇଥାଏ । ଗାଈମାନଙ୍କର ମଳମୂତ୍ର ଓ ଗୁହାଳ ଧୂଆ ପାଣି ନାଳି ସାହାଯ୍ୟରେ ପୋଖରୀ ଜଳକୁ ନିଷ୍କାସିତ କରାଯାଏ ଏବଂ ପୋଖରୀର ପଙ୍କ, ହୁଡ଼ା ଉପରେ ପକାଇ ହାତୀଆ, ବସିମ୍, ନାପିଅର, ଷ୍ଟାଇଲୋ ପ୍ରଭୃତି ଘାସ ଚାଷ କରାଯାଏ ଏବଂ ଏହି ଘାସକୁ ପ୍ରତିଦିନ ଗାଈ ପିଛା ୨୫ କି.ଗ୍ରା. ହିସାବରେ କାଟି ଖାଇବାକୁ ଦିଆଯାଇଥାଏ । ଏପରି ମାଛ ଚାଷ କରିବା ଦ୍ୱାରା ବର୍ଷକୁ ଏକର ପିଛା ୩,୦୦୦ ଲିଟର କ୍ଷୀର ଉତ୍ପାଦନ ହୋଇପାରିବା ସଙ୍ଗେ ସଙ୍ଗେ ୧୮ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମାଛ ଅମଳ ମିଳିଥାଏ ।

**ମାଛ ଚାଷ ସହ ଛେଳି ପାଳନ:**

ଛେଳି ଲଣ୍ଡିରେ ଗୋବରଠାରୁ ଅଧିକ ପରିମାଣର ଯବକ୍ଷାରଜାନ ଓ ପଟାସ ଗୁଣସାର ରହିଥାଏ । ଏକ ଏକର ଜଳାୟତନ ବିଶିଷ୍ଟ ପୋଖରୀରେ ମାଛଚାଷ ପାଇଁ ହୁଡ଼ା ଉପରେ ୧୫-୧୬ ଗୋଟି ଛେଳି ପାଳନ କରାଯାଇଥାଏ । ପ୍ରତ୍ୟେକ ଦିନ ଏମାନଙ୍କର ମୂତ୍ରସହ ଲଣ୍ଡି ଗୁଡ଼ିକୁ ଗୁହାଳ ଧୂଆ ପାଣି ସହ ନାଳି ସାହାଯ୍ୟରେ ପୋଖରୀରେ ପକାଯାଇଥାଏ । ଛେଳିମାନଙ୍କୁ ପ୍ରତ୍ୟେକ ଦିନ ହୁଡ଼ାରେ ହେଉଥିବା ଘାସ, ଶାଗ ପତ୍ର, କୋବି ପତ୍ରକୁ କାଟି ଖାଇବାକୁ ଦିଆଯାଇଥାଏ । ଏହା ଛଡ଼ା କୃତ୍ରିମ ଶୁଖୁଲା ସୁଷମ ଖାଦ୍ୟ ମଧ୍ୟ ଛେଳିଙ୍କୁ ଖାଇବାକୁ ଦିଆଯାଏ । ଏହାଦ୍ୱାରା ଛେଳି ଦୁଗ୍ଧ ସହ ମାଂସ ଉତ୍ପାଦିତ ହୋଇପାରିବା ସଙ୍ଗେ ସଙ୍ଗେ ପୋଖରୀରେ ବିନା କୃତ୍ରିମ ମାଛଖାଦ୍ୟ ଓ ରାସାୟନିକ ସାର ପକାଯାଇ ଏକର ପିଛା ୧୫ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମାଛ ଅମଳ କରିହେବ ।

**ମାଛଚାଷ ସହ ବତକ ପାଳନ:**

ବତକ ଗୁଡ଼ିକ ପୋଖରୀରୁ ସେମାନଙ୍କ ଆବଶ୍ୟକ ହେଉଥିବା ଦୈନିକ ଖାଦ୍ୟ ପରିମାଣର ତିନି ଚତୁର୍ଥାଂଶ ସଂଗ୍ରହ କରି ଖାଇ ବଢ଼ିଥାନ୍ତି । ଏଣୁ ମାଛଚାଷ ସହ ବତକ ପାଳନ କଲେ ଉଭୟ ପରସ୍ପରଠାରୁ ଉପକାର ପାଇ କମ୍ ଖର୍ଚ୍ଚରେ ଅଧିକ ଲାଭ ଦେଇଥାନ୍ତି । ଏକ ଏକର ଜଳାୟତନ ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ୧୦୦ ଗୋଟି ଦୁଇମାସିଆ ବତକ ଛୁଆ କିଣି ହୁଡ଼ା ଉପରେ ଝାଟିମାଟି ଘରେ କିମ୍ବା ପାଣି ଭିତରେ ଭାସମାନ ମଞ୍ଚା ଘରେ ରଖି ପାଳନ କରାଯାଇଥାଏ । ବତକ ସହ ମାଛଚାଷ କରାଯାଉଥିବା ପୋଖରୀରେ ଏକର ପିଛା ୮ ସେ.ମି.ରୁ ଊର୍ଦ୍ଧ୍ୱ ଆକାରର ୩୦୦୦ ସଂଖ୍ୟାର ବିଶୁଦ୍ଧ, ନୀରୋଗ, ଜାତିଆ ମିଶ୍ରିତ ମାଛ ଯାଆଁଳ ଛାଡ଼ିବାକୁ ପଡ଼ିଥାଏ । ଇଞ୍ଚିକିଆ ଯାଆଁଳ



ଛାଡ଼ିଲେ ଏହାକୁ ବତକ ଖାଇଯିବାର ସମ୍ଭାବନା ଅଧିକ ଥାଏ । ମାଛଚାଷ ପୋଖରୀ ନିକଟରେ ଯଦି ନର୍ସରୀ ବା ଇୟରଲିଙ୍ଗ ପୋଖରୀ ଥାଏ, ତା ହେଲେ ତା ଉପରେ ଛିଣ୍ଡାଜାଲ ଆଚ୍ଛାଦିତ କରି ରଖିବା ଉଚିତ୍ । ବତକ ଗୁଡ଼ିକ ପୋଖରୀରେ ପହଁରୁଥିବା ଅବସ୍ଥାରେ ମଳତ୍ୟାଗ କରନ୍ତି । ଏହାଛଡ଼ା ଏମାନେ ପୋଖରୀରେ ପହଁରିବା ଦ୍ୱାରା ପାଣିରେ ଦ୍ରବୀଭୂତ ଅମ୍ଳଜାନର ପରିମାଣ ବଢ଼ିଥାଏ । ଏମାନେ ଖାଦ୍ୟ ସଂଗ୍ରହ ସମୟରେ ପୋଖରୀରେ ବୁଡ଼ି ପଙ୍କକୁ ଥଣ୍ଟଦ୍ୱାରା ଘାଣ୍ଟିବା ଦ୍ୱାରା ପଙ୍କରେ ଆବଦ୍ଧ ଅବସ୍ଥାରେ ଥିବା ମୌଳିକ ଗୁଣସାର ଗୁଡ଼ିକ ଜଳସ୍ତରକୁ ଅପସାରିତ ହୋଇଥାଏ । ଏମାନେ ପୋଖରୀରୁ ଛୋଟ ଛୋଟ ଉଦ୍ଭିଦ, ପୋକଜୋକ, ଗେଣ୍ଡା ପ୍ରଭୃତି ଖାଇ ପୋଖରୀ ଜଳ ପରିବେଶ ପରିଷ୍କାର ରଖୁଥାଆନ୍ତି । ଏମାନଙ୍କ ମଳରେ ଥିବା ଅଧା ହଜମ ଖାଦ୍ୟକୁ ମାଛମାନେ ସିଧାସଳଖ ଖାଇଥାଆନ୍ତି । ଏହିଭଳି ସମନ୍ୱିତ ଚାଷରୁ ବର୍ଷକୁ ଏକର ପିଛା ୧୬ କ୍ୱିଣ୍ଟାଲ ମାଛ, ୬୦୦୦ ଅଣ୍ଡା ଏବଂ ୨ କ୍ୱିଣ୍ଟାଲ ବତକ ମାଂସ ମିଳିଥାଏ । ଏଥିପାଇଁ ଚୂନ ବ୍ୟତୀତ ଅନ୍ୟ କୌଣସି ପୂରକ ଆହାର ବା ରାସାୟନିକ ସାର ପୋଖରୀରେ ପକାଇବାକୁ ପଡ଼ି ନଥାଏ ।

**ମାଛଚାଷ ସହ କୁକୁଡ଼ା ପାଳନ:**

ପୋଖରୀ ହୁଡ଼ାରେ ତାର ଜାଲି ଦିଆ କାନ୍ଥ ସହ ଚାଳଛପର ଘରଟିଏ କରି ମାଂସଳ (ବ୍ରଏଲର) କିମ୍ବା ଅଣ୍ଡାଦିଆ (ଲେୟାର) କୁକୁଡ଼ା ପାଳନ କରାଯାଇପାରେ । ଏହି ଘର ଚଟାଣ ଉପରେ ୬ ଇଞ୍ଚ ବହଳର ଚଷୁ ବିଛାଇ ଦିଆଯାଏ । ଏହାପରେ ଅଣ୍ଡାଦିଆ କୁକୁଡ଼ା ପାଳନ ପାଇଁ ୨ ମାସ ବୟସର ପ୍ରତିଷେଧକ ଟୀକାପ୍ରାପ୍ତ ଚିଆଁ ୨୦୦ ଗୋଟି ଏକ ଏକର ଜଳାୟତନ ବିଶିଷ୍ଟ ମାଛଚାଷ ପୋଖରୀ ପାଇଁ ପାଳନ କରାଯାଇଥାଏ । ଏମାନେ ୫ ମାସ ବେଳକୁ ଅଣ୍ଡାଦେବା ଆରମ୍ଭ କରିଥାନ୍ତି ଏବଂ ଦେଢ଼ବର୍ଷ ପର୍ଯ୍ୟନ୍ତ ଏମାନଙ୍କ ଅଣ୍ଡଦିଆ କ୍ଷମତା ଠିକ୍ ରୁହେ । ଏହାପରେ ଏମାନଙ୍କୁ ବିକ୍ରୟ କରିଦେବା ଉଚିତ୍ । ଯଦି ମାଂସଳ କୁକୁଡ଼ା ପାଳନ କରାଯାଏ, ତା ହେଲେ ଗୋଟିଏ ଥରରେ ଦିନିକିଆ ଚିଆଁ ୨୦୦ ଗୋଟି କିଣାଯାଇ ୪୫-୪୬ ଦିନ ପରେ ମାଂସ ପାଇଁ ବିକ୍ରୟ କରିଦିଆଯାଏ । ଏହିଭଳି ବର୍ଷକ ମଧ୍ୟରେ ୫ ଥର ମାଂସଳ କୁକୁଡ଼ା ପାଳନ କରି ବିକ୍ରୟ କରାଯାଇପାରେ । ଏହି କୁକୁଡ଼ା ଗୁଡ଼ିକ ପାଇଁ ବଜାରରେ ବିଭିନ୍ନ କମ୍ପାନୀ ଗୁଡ଼ିକର କ୍ରମ୍ବଲ୍ ବା ଦାନାଦାର ଏବଂ ପେଲେଟ୍ ଖାଦ୍ୟ ମିଳୁଛି । ତାକୁ କିଛି ଅନୁମୋଦିତ ହାରରେ କୁକୁଡ଼ାଙ୍କୁ ଖାଇବାକୁ ଦିଆଯାଏ । ଏହାଛଡ଼ା ମାଂସଳ କୁକୁଡ଼ା ପାଇଁ ରାଣୀକ୍ଷେତ୍ର, କକ୍ସିଡ଼ିଓସିସ୍ ପ୍ରଭୃତି ରୋଗ ପାଇଁ ପ୍ରତିଷେଧକ ବ୍ୟବସ୍ଥା ଠିକ୍ ସମୟରେ ନିଆଯିବା ଉଚିତ୍ । କୁକୁଡ଼ା ଘରେ ବିଛା ଯାଇଥିବା ଚଷୁ ଦୁଇମାସ ପରେ ଖତରେ ପରିଣତ ହୋଇଥାଏ । ସେଗୁଡ଼ିକ ସିଧାସଳଖ ପୋଖରୀରେ ପକାଯାଇଥାଏ । ପୋଖରୀ ଜଳରେ ନେଳି ସୃଷ୍ଟି ହେଲେ ଏହି ଖତ ପକାଇବା ସ୍ଥଗିତ ରଖି ଏକର ପିଛା ୮୦ କି.ଗ୍ରା. କାର୍ବୋନେଟ୍ ଚୂନ ରାତିସାରା ବତୁରାଯାଇ ସକାଳେ ପ୍ରୟୋଗ କରିବାକୁ ପଡ଼ିଥାଏ । ଏହି ସମନ୍ୱିତ ଚାଷ ଦ୍ୱାରା ଚୂନ ବ୍ୟତୀତ ଆଉ କୌଣସି କୃତ୍ରିମ ମାଛ ଖାଦ୍ୟ ବା ରାସାୟନିକ ସାର ନ ପକାଯାଇ ବାର୍ଷିକ ଏକର ପିଛା ୨୦ କ୍ୱିଣ୍ଟାଲ ପର୍ଯ୍ୟନ୍ତ ମାଛ ଅମଳ ମିଳିଥାଏ । ଏତଦ୍ ?ବ୍ୟତୀତ ଅଣ୍ଡାଦିଆ କୁକୁଡ଼ା ପାଳନ କରାଯାଉଥିଲେ ଏକର ପିଛା ବର୍ଷକୁ ଅତିରିକ୍ତ ୨୮୦୦୦ ଅଣ୍ଡା ଓ ୫୦୦ କି.ଗ୍ରା. କୁକୁଡ଼ା ମାଂସ ଏବଂ ମାଂସଳ କୁକୁଡ଼ା ପାଳନ କରାଯାଉଥିଲେ

୧୫୦୦ କି.ଗ୍ରା. ପର୍ଯ୍ୟନ୍ତ କୁକୁଡ଼ା ମାଂସ ଆମଦାନୀ ମିଳିଥାଏ । ବର୍ତ୍ତମାନ ଅନେକ ଚାଷୀଭାଇ ପୋଖରୀ ହୁଡ଼ା ଉପରେ ଝାଟିମାଟି ଘରଟିଏ କରି ବିଭିନ୍ନ ରଙ୍ଗିନ୍ ପ୍ରଜାତିର କୁକୁଡ଼ା ଯଥା – ବନରାଜା, ଗ୍ରାମପ୍ରିୟ, କୃଷ୍ଣପ୍ରିୟ, ଗିରିରାଜ, ବ୍ଲକର, କୋଡନାଥ, ପ୍ରଭୃତିଙ୍କୁ ଉଭୟ ମାଂସ ଓ ଅଣ୍ଡା ପାଇଁ ପାଳନ କରୁଅଛନ୍ତି ।

**ଅନିଲ କୁମାର ମିଶ୍ର**
ଭୁବନେଶ୍ୱର, ଓଡ଼ିଶା




# ନିଖିଳ ଓଡିଶା ଆଶାକର୍ମୀ ସଂଘ ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ



କେନ୍ଦ୍ରାପଡ଼ା (ପିଏନ୍): ନିଖିଳ ଓଡିଶା ଆଶାକର୍ମୀ ସଙ୍ଘ ମାର୍ଶାଘାଇ ସିଏଚସି କମିଟି ପକ୍ଷରୁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମାର୍ଶାଘାଇ ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସରଙ୍କୁ ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ୨୦୦୫ ମସିହାରୁ ଏନଆରଏଚଏମ ଗଠିତ ହୋଇ ଦେଶବ୍ୟାପି ମା' ଓ ଶିଶୁମାନଙ୍କ ଯତ୍ନ ନେବା ସହିତ ଶିଶୁ ମୃତ୍ୟୁହାର ହ୍ରାସ ପାଇଁ କେନ୍ଦ୍ର ସରକାର ଯୋଜନା ପ୍ରଣୟନ କଲେ । ସେହି ଯୋଜନାର ଶେଷ କର୍ମଚାରୀ ଭାବେ ଆଶାକର୍ମୀଙ୍କୁ ନିଯୁକ୍ତି ଦେଲେ । ମାଆ ଓ ଶିଶୁର ମୃତ୍ୟୁହାର କମାଇବା ସହ ସ୍ୱାସ୍ଥ୍ୟରକ୍ଷା ପାଇଁ ଜୀବନକୁ ବାଜି ଲଗାଇ ନିଜ ପରିବାରକୁ ପଛରେ ପକାଇ ଦେଶରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଆଣିଲେ ଆଶାକର୍ମୀ । ମାତ୍ର ଏନଆରଏଚଏମ ପରେ ଏନଏଚଏମରେ ରୂପାନ୍ତରିତ ହୋଇ ମା' ଓ ଶିଶୁର ସ୍ୱାସ୍ଥ୍ୟରକ୍ଷା ସହିତ ଫାଇଲେରିଆ, ମିଳିମିଳା, କୁଷ୍ଠ, ଯକ୍ଷ୍ମା, ପୋଲିଓ, ଏଡସ, ବାଳିକା ସଚେତନତା ପ୍ରଭୃତି ସମସ୍ତ ରୋଗର ସଚେତନତା ଦାୟିତ୍ୱ ଆଶାକର୍ମୀଙ୍କ ଉପରେ ନ୍ୟସ୍ତ କରାଗଲା । ଠିକ୍ ଏହି ସମୟରେ କୋଭିଡ-୧୯ ମହାମାରୀ ଭଳି ବିଶ୍ୱ ମହାମାରୀ ଆସିଲା । ଏହାକୁ ପ୍ରତିହତ କରିବା ପାଇଁ ଆଶାକର୍ମୀମାନେ ବଜ୍ରଶପଥ ନେଲ 'କୋଭିଡ ହଟିବ- ଆମେ ଜିତିବୁ' । ଅନେକ ସମସ୍ୟା ସତ୍ତ୍ୱେ କୋଭିଡକୁ ପରାଜିତ କରିବାରେ ଆଶାକର୍ମୀଙ୍କଜ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ତେଣୁ ଆଶାକର୍ମୀଙ୍କୁ ପ୍ରତ୍ୟକ ମାସର ୫ ତାରିଖ ମଧ୍ୟରେ ପାରିଶ୍ରମିକ ପ୍ରଦାନ କରିବା, ସରକାର ଘୋଷଣା କରିଥିବା ମାସିକ ୩ହଜାର ୫ଶହ ଟଙ୍କାରୁ ୪ହଜାର ୫ଶହ ଟଙ୍କା ଆଶାକର୍ମୀଙ୍କୁ ପ୍ରଦାନ କରାଯିବା, ସାମାଜିକ ସୁରକ୍ଷା ଓ ପଦୋନ୍ନତି ପ୍ରଦାନ, ମୋବାଇଲ ସେଟ ପ୍ରଦାନ, ନର୍ସିଂ ହୋମରେ ଜନ୍ମିତ ପିଲାର ପାରିଶ୍ରମିକ ପ୍ରଦାନ, ପ୍ରତିଗ୍ରାମରେ ଆଶାଗୃହ ନିର୍ମାଣ, ୬୨ ବର୍ଷରେ ଅବସର ପରେ ପେନସନ ପ୍ରଦାନ, ଆଶାକର୍ମୀଙ୍କୁ ମୃତ୍ୟୁକାଳୀନ ସହାୟତା ଏକ ଲକ୍ଷ ବଦଳରେ ୫ ଲକ୍ଷ ପ୍ରଦାନ କରାଯିବା, ମାସିକ ଏକ ହଜାର ଟଙ୍କା ବଦଳରେ ୭ ହଜାର ୫ ଶହ ଟଙ୍କା ପ୍ରଦାନ କରାଯିବା, ଦରଦାମ ବୃଦ୍ଧି ହେତୁ ନିଶ୍ଚିତ ଭତ୍ତା ୨୧ ହଜାର ଟଙ୍କା ପ୍ରଦାନ ସହ ଏନଏଚଏମର ସମସ୍ତ କର୍ମଚାରୀଙ୍କୁ ସରକାରୀ ମାନ୍ୟତା ପ୍ରଦାନ, କେନ୍ଦ୍ରାପଡା ଜିଲାରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରାଯିବା, ଶ୍ୟାମଗୁଡିଆରେ ନିର୍ମାଣାଧିନ ମାଆ ଓ ଶିଶୁ ଡାକ୍ତରଖାନାକୁ କାର୍ଯ୍ୟକ୍ଷମ କରାଯିବା, ପୂର୍ବରୁ ବାକିଥିବା ପରିବାର ନିୟନ୍ତ୍ରଣ, ପ୍ରଶିକ୍ଷଣ, ପରୀକ୍ଷା ଦେବା ଓ ଅନ୍ୟାନ୍ୟ ବକେୟା ଅର୍ଥ ୭ ଦିନ ମଧ୍ୟରେ ପ୍ରଦାନ କରାଯିବା, କରୋନା ସମୟରେ ଦାୟିତ୍ୱ ନିର୍ବାହ ବେଳେ ଉପୁଜିଥିବା ସମସ୍ୟାର ସମାଧାନ କରାଯିବା ପ୍ରଭୃତି ଦାବି ରହିଛି । ନିଖିଳ ଓଡିଶା ଆଶାକର୍ମୀ ସଂଘ ମାର୍ଶାଘାଇ ସିଏଚସି କମିଟି ପକ୍ଷରୁ ମାର୍ଶାଘାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମେଡିକାଲ ଅଫିସରଙ୍କୁ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା । ସିଏଚସି କମିଟି ସଭାପତି ସାଥି ଦ୍ରୌପଦୀ ସ୍ୱାଇଁ, ସମ୍ପାଦକ ଭଗବତୀ ନାୟକ, ଜିଲ୍ଲା ସମ୍ପାଦକ କାନ୍ତିପ୍ରଭା ନାୟକ, କୋଷାଧ୍ୟକ୍ଷ ନନ୍ଦିନୀ ସ୍ୱାଇଁ, ଏଆଇଟିୟୁସିର ରାଜ୍ୟ ନେତୃତ୍ୱ ଆଇନଜୀବୀ ରମଣୀ ରଞ୍ଜନ ରାଉତରାୟ, ସୀତାକାନ୍ତ ବାରିକ, ଭଜହରି ପ୍ରଧାନ, ବନ୍ଦନା ମଳିକ, ଝରଣା ଖୁଣ୍ଟିଆ, କବିତା ନାୟକ, କୌଶଲ୍ୟା ବେହେରା, ମମତା ମହାପାତ୍ର, ଉଷାରାଣୀ ପାତ୍ର, ହେମଲତା ସାହୁ, ଅନ୍ନପୂର୍ଣ୍ଣା ଦାସ, କେତକୀ ସେଠୀ, ନମିତା ସେଠୀ, ଝରଣା ସାହୁ, ପ୍ରତିମା ଲେଙ୍କା, ତନୁଜା ମାହାଳି, ଅସ୍ମିତା ଦାସ, ପୁଷ୍ପଲତା ଦାସ, ଗୀତାଞ୍ଜଳି ଜେନା, ନିର୍ମଳା ନାୟକ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ

# ଭାରତୀୟ କମ୍ୟୁନିଷ୍ଟ ପାର୍ଟି ଜିଲ୍ଲା କମିଟିର ପରିବର୍ଦ୍ଧିତ ବୈଠକ




କେନ୍ଦ୍ରାପଡା (ପିଏନ୍): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ)ର କେନ୍ଦ୍ରାପଡା ଜିଲ୍ଲା ପରିବର୍ଦ୍ଧିତ ବୈଠକ ସ୍ଥାନୀୟ କେନ୍ଦ୍ରାପଡା ଜିଲ୍ଲା ବିକାଶ ସାମ୍ମୁଖ୍ୟ କାର୍ଯ୍ୟାଳୟରେ ସାଥି ବାବାଜୀ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ସାଥି ନିରଞ୍ଜନ ଦାଶଙ୍କ ଶୋକ ପ୍ରସ୍ତାବ ଆଗତ ପରେ ଜିଲ୍ଲା ସମ୍ପାଦକ ରମଣୀ ରଞ୍ଜନ ରାଉତରାୟ ବିଗତ ଦିନ କାର୍ଯ୍ୟକ୍ରମର ବିବରଣୀ ବୈଠକରେ ଉପସ୍ଥାପନ କରିଥିଲେ । ବୈଠକରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ଦୀର୍ଘ ୨୨ ବର୍ଷର ବିଜୁ ଜନତା ଦଳ ସରକାର ଚାଷୀ ମାନଙ୍କ ପାଇଁ ଧାନର ଉଚିତ ମୂଲ୍ୟ ପ୍ରଦାନ ନକରିବା, କେନ୍ଦ୍ରାପଡାରେ ଗୋଟିଏ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା ନହେବା, ଚାଷୀଙ୍କ ପାଇଁ ଶୀତଳ ଭଣ୍ଡାର ପ୍ରତିଷ୍ଠା ନହେବା, କେନ୍ଦ୍ରାପଡା ଜିଲ୍ଲା ଦେଇ ଯାତ୍ରୀବାହୀ ରେଳ ଚଳାଚଳ ନକରିବା, ଖାଲି ମିଛ କହି କେନ୍ଦ୍ରାପଡାରେ ଶିଳ୍ପ ପ୍ରତିଷ୍ଠା କରାନଯିବା, ଦରଦାମର ଆକାଶ ଛୁଆଁ ବୃଦ୍ଧି, ବିଦ୍ୟୁତ ଦର ୨ ଗୁଣ ବୃଦ୍ଧି ହୋଇଥିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଏହାକୁ ପ୍ରତିହତ କରିବା ସହିତ କେନ୍ଦ୍ର ସରକାରର ସାଂପ୍ରଦାୟିକ ପ୍ରଚାରକୁ ପରାସ୍ତ କରି କମ୍ୟୁନିଷ୍ଟ ପାର୍ଟିର ପ୍ରାର୍ଥୀମାନଙ୍କୁ ଚଳିତ ପଞ୍ଚାୟତ ନିର୍ବାଚନରେ ଜିତାଇବାକୁ ଜିଲ୍ଲା ସଂପାଦକ ଶ୍ରୀ ରାଉତରାୟ ଜନସାଧାରଣଙ୍କୁ ନିବେଦନ କରିଥିଲେ । ଏହି ବୈଠକରେ ସି.ପି.ଆଇ.ର ସହ ସଂପାଦକ ଆଦିକନ୍ଦ ରାଉଳ, ମାର୍ଶାଘାଇ -ମହାକାଳପଡା ଜୋନ ସଂପାଦକ ବିକାଶ ଚନ୍ଦ୍ର ବେଉରା, ଆଳି -କନିକା ଆବାହକ ସୁହାନା ବେଗମ, କେନ୍ଦ୍ରାପଡା ସହର ସଂପାଦକ ନିରଞ୍ଜନ ଦାସ, ମନୋଜ ଓଝା, ସୀତାକାନ୍ତ ନାୟକ, ପ୍ରଦୀପ ବେହେରା, ସୁବାଶିନୀ ଭଦ୍ର, ତିଲୋଚନ ସ୍ୱାଇଁ, ଅଭୟ ଦାସ ପ୍ରମୁଖ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

## ବିଦ୍ୟୁତ୍ ଆଘାତରେ ଜଣେ ବିଦ୍ୟୁତ୍ କର୍ମଚାରୀ ମୃତ, ୩ ଗୁରୁତର

ବାଲେଶ୍ୱର (ପିଏନ୍)-ସିଙ୍ଘ୍ଲା ଥାନା ଅନ୍ତର୍ଗତ ଗିଲ୍ଲା ଯୋଡ଼ି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି । ବିଦ୍ୟୁତ୍ ମରାମତି କାର୍ଯ୍ୟ କରୁଥିବା ବେଳେ ବିଦ୍ୟୁତ୍ ସଂଯୋଗ ହେବାରୁ ଜଣେ ବିଦ୍ୟୁତ୍ କର୍ମଚାରୀଙ୍କ ମୃତ୍ୟୁ ଓ ୩ ଜଣ ଗୁରୁତର ଆହତ ହୋଇଛନ୍ତି । ସୂଚନା ଅନୁଯାୟୀ ବିଦ୍ୟୁତ୍ ବିଭାଗ ପକ୍ଷରୁ ଗିଲ୍ଲା ଯୋଡ଼ି ଗ୍ରାମରେ ୩୩ କେଭି ବିଦ୍ୟୁତ୍ ମରାମତି କାର୍ଯ୍ୟ ଚାଲିଥିଲା । ହଠାତ୍ ସେହି ସମୟରେ ବିଦ୍ୟୁତ୍ ସଂଯୋଗ ହୋଇଯିବା ଫଳରେ ଖୁଣ୍ଟରେ ଚଢ଼ି କାମ କରୁଥିବା ୪ ଜଣଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା । ସେମାନଙ୍କ ଶରୀରର ଅଧିକାଂଶ ଅଂଶ ପୋଡ଼ିଯିବା ସହ ଖୁଣ୍ଟରୁ ତଳକୁ ଖସି ପଡ଼ିଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ସଂଗେ ସଂଗେ ବସ୍ତା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ସେଠାରେ ଜଣଙ୍କର ମୃତ୍ୟୁ ହୋଇଯାଇଥିଲା । ଅନ୍ୟ ୩ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି ।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ନୂତନ ବର୍ଷର ପ୍ରଥମ ମାସିକ ବୈଠକ

ଯାଜପୁର (ପିଏନ୍): ଅବସରପ୍ରାପ୍ତ କର୍ମଚାରୀ ସଂଘ ଯାଜପୁରର ମାସିକ ବୈଠକ ସମ୍ପାଦକ ପ୍ରଦୀପ କୁମାର ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଶ୍ରୀ ଦାସ ବୈଠକ ଆରମ୍ଭରେ ସମସ୍ତଙ୍କୁ ସ୍ୱାଗତ କରିବା ସହିତ ନୂତନ ବର୍ଷର ଅଭିନନ୍ଦନ ଜ୍ଞାପନ କରିଥିଲେ । ଶ୍ରୀ ଦାସ ବିବରଣୀ ପାଠ କରିବା ସହିତ ଆସନ୍ତା ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ସମସ୍ତ ସଭ୍ୟ ସଂଘର ସଭାଗୃହରେ ସକାଳ ୭.୩୦ ମିନିଟ୍ ସମୟରେ ଉପସ୍ଥିତ ହୋଇ ଜାତୀୟ ପତାକା ଉତ୍ତୋଳନ କରିବାରେ ସହଯୋଗ କରିବା ଲାଗି ପ୍ରସ୍ତାବ ଆଗତ କରିଥିଲେ । ତାହା ପରେ ମୁଖ୍ୟ ଆଲୋଚ୍ୟ ବିଷୟ "କରୋନାକୁ ଡର ନାହିଁ" ସମ୍ବନ୍ଧରେ ଆଲୋଚନା କରିବା ପାଇଁ ବୈଠକରେ ସମସ୍ତ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ । ସଭାରେ ବରିଷ୍ଠ ନାଗରିକ ସଂଘର ସମ୍ପାଦକ ପ୍ରବୋଧ କୁମାର ନାୟକ କରୋନାକୁ ନ ଡରି ରୋଗୀ ଓ ପରିବେଷ ପରିଷ୍କାର ଓ ନିର୍ମଳ ରଖିବା ପାଇଁ ମତବ୍ୟକ୍ତ କରିଥିଲେ । ପରସ୍ପରକୁ ଆଲିଙ୍ଗନ ନ କରିବା, ହାତ ଯୋଡ଼ି ନମସ୍ତେ କରିବା, ଆତଙ୍କ ସୃଷ୍ଟି ନ କରିବା, ମୁହଁରେ ମାସ୍କ ବାନ୍ଧିବା, ଜ୍ୱର, କାଶ, ସର୍ଦି ଆରମ୍ଭ ଏବଂ କରୋନାର ଲକ୍ଷଣ ଦେଖାଦେଲେ ଡାକ୍ତରଙ୍କ ସହ ପରାମର୍ଶ କରିବା ଆଦି ବିଷୟରେ ସଦସ୍ୟମାନେ ଆଲୋଚନା କରିଥିଲେ । ଆଲୋଚନାରେ ଅବସରପ୍ରାପ୍ତ ପୋଲିସ୍ ପ୍ରଶାସକ ଶ୍ରୀ ଗଦାଧର ରାଉତ, ଶିକ୍ଷାବିତ୍ ନୃସିଂହ ଚରଣ ମହାନ୍ତି, ପ୍ରଶାନ୍ତ କୁମାର ନାୟକ, ମଧୁସୂଦନ ମହାନ୍ତି, ବୃନ୍ଦାବନ ମିଶ୍ର, ଅକ୍ଷୟ କୁମାର ମିଶ୍ର, ଶିକ୍ଷାବିତ୍ ଉଦୟନାଥ ପରିଡ଼ା, କ୍ଷୀରୋଦ ଚନ୍ଦ୍ର ପାଠୀ, ଡା. ସୁରେନ୍ଦ୍ର ନାଥ ମିଶ୍ର, ଦେବେନ୍ଦ୍ର ନାଥ ସାହୁ, ରବିନାରାୟଣ ନାୟକ, ନନ୍ଦକିଶୋର ସାମନ୍ତ, ହାଡିବନ୍ଧୁ ରାଉତ, ଦର୍ପନାରାୟଣ ନାୟକ ପ୍ରମୁଖ ଭାଗ ନେଇଥିଲେ । ଶେଷରେ ବରିଷ୍ଠ ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ ଧନ୍ୟବାଦ ଦେଇଥିଲେ ।

# ପ୍ରଜ୍ଞାପନ ମେଢ ପାଇଁ ପ୍ରତିକ୍ରିୟା ରଖିବା ସହିତ ପ୍ରତିବାଦ କରିଛି ଉତ୍କଳ ସମ୍ମିଳନୀ



ଭୁବନେଶ୍ୱର (ପିଏନ୍): ଆସନ୍ତା ଜାନୁଆରୀ ୨୬ ତାରିଖରେ ସାଧାରଣତନ୍ତ୍ର ଦିବସରୁ ଓଡିଶାର ପ୍ରଜ୍ଞାପନ ମେଢକୁ ଉଦ୍ଦେଶ୍ୟମୂଳକ ଭାବେ ବାଦ୍ ଦେଇଥିବାରୁ ଏଥିପାଇଁ ଉତ୍କଳ ସମ୍ମିଳନୀ ପ୍ରତିକ୍ରିୟା ପ୍ରକାଶ ରଖିବା ସହିତ ଠିକ୍ ସମୟରେ ପ୍ରତିବାଦ କରିଛି । କେବଳ ସେତିକି ନୁହେଁ ଉତ୍କଳ ସମ୍ମିଳନୀର ଏକ ପ୍ରତିନିଧିମଣ୍ଡଳୀ ମାନ୍ୟବର ରାଜ୍ୟପାଳଙ୍କୁ ସାକ୍ଷାତକରି ମହାମାନ୍ୟ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି ବୋଲି ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଛନ୍ତି । ଆଜି କିଛି ଗଣମାଧ୍ୟମରେ ପ୍ରକାଶିତ ହୋଇଛି ଯେ, ଗତ ଡିସେମ୍ବର ୨୩ ତାରିଖରୁ ପ୍ରଜ୍ଞାପନ ମେଢ ବାଦ ପଡିବାର ଖବର ଜଣାଥିଲେ ମଧ୍ୟ ସେତେବେଳେ କେହି କୌଣସି ପ୍ରତିକ୍ରିୟା ରଖିଲେ ନାହିଁ । ଏଠାରେ ସୂଚନା ଦେବାକୁ ଚାହେଁ ଯେ, ସେହି ୨୩ ତାରିଖ ଦିନ ଉତ୍କଳ ସମ୍ମିଳନୀ ପ୍ରଜ୍ଞାପନ ମେଢ ବାଦ ପଡିବା ଏକ ଷଡଯନ୍ତ୍ର ବୋଲି ମତ ରଖିଥିଲା ଏବଂ ମାନ୍ୟବର ରାଜ୍ୟପାଳଙ୍କୁ ସାକ୍ଷାତ କରିବା ପାଇଁ ମଧ୍ୟ ସମୟ ମାଗିଥିଲା । ଜାନୁଆରୀ ୫ ତାରିଖ ଦିନ ରାଜ୍ୟପାଳ ମହୋଦୟ ସାକ୍ଷାତ ପାଇଁ ସୁଯୋଗ ଦେଇଥିଲେ । ଏହିଦିନ ଉତ୍କଳ ସମ୍ମିଳନୀର ଏକ ପ୍ରତିନିଧିମଣ୍ଡଳୀ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମାଙ୍କ ନେତୃତ୍ୱରେ ରାଜ୍ୟପାଳଙ୍କୁ ସାକ୍ଷାତ କରି ଆଲୋଚନା କରିଥିଲେ ଓ ଏକ ଦାବିପତ୍ର ମହାମହିମ ରାଷ୍ଟ୍ରପତିଙ୍କ ଉଦେଶ୍ୟରେ ରାଜ୍ୟପାଳଙ୍କୁ ପ୍ରଦାନ କରିଥିଲେ । ଦାବି ଓ ପ୍ରତିବାଦ ପରେ ମଧ୍ୟ ପ୍ରଜ୍ଞାପନ ମେଢକୁ ଅନୁମତି ନଦେବା ଅନ୍ୟାୟ ଓ ଓଡିଆମାନଙ୍କ ପ୍ରତି ଅବିଚାର ବୋଲି ଶ୍ରୀ ଦାଶଶର୍ମା କହିଛନ୍ତି ।

## ବଡବିଲ-ନାଲଦା ରାସ୍ତା ନିର୍ମାଣ ନିମନ୍ତେ ଶୁଭ ଦେଲେ ଚମ୍ପୁଆ ବିଧାୟିକା



ଯୋଡା (ପିଏନ୍)-କେନ୍ଦୁଝର ଜିଲ୍ଲା ଯୋଡା ବ୍ଲକ ତଥା ବଡବିଲ ପୌରପାଳିକା ଅ'ଗତ ନାଲଦା ଠାରେ ପାଲ ହାଟିଙ୍ଗ ଠାରୁ ନାଲଦା ପର୍ଯ୍ୟ' ରାସ୍ତାର ଶିଳାନ୍ୟାସ ଚମ୍ପୁଆ ବିଧାୟିକା ଶ୍ରୀମତୀ ମୀନାକ୍ଷୀ ମହା'ଙ୍କ ଦ୍ୱାରା ହୋଇଥିବା ଜଣାପଡିଛି । ଚମ୍ପୁଆ ବିଧାୟିକା ନାଲଦା ଠାରେ ପହଂଚି ଆନୁଷ୍ଠାନିକ ଭାବେ ଉକ୍ତ ରାସ୍ତାର ଶିଳାନ୍ୟାସ କରିଛ' । ବହୁ ଦିନରୁ ଉକ୍ତ ରାସ୍ତା ନିମନ୍ତେ ନାଲଦାବାସୀ ବିଧାୟିକାଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିଲେ । ବିଧାୟିକା ମଧ୍ୟ ସେମାନଙ୍କୁ ରାସ୍ତା ବନାଇବାର ପ୍ରତିଶ୍ରୃତି ଦେଇ ଜିଲ୍ଲା ଖଣିଜ ପାଣ୍ଠି ମାଧ୍ୟମରେ ନିର୍ମାଣ ହେବାକୁ ଥିବା ଏହି ରାସ୍ତାର ଶିଳାନ୍ୟାସ କରି ନାଲଦା ବାସୀଙ୍କ ଉଛା ପୂରଣ କରିଥିବାରୁ ନାଲଦା ଗ୍ରାମବାସୀ ବିଧାୟିକାଙ୍କୁ କୃତଜ୍ଞତା ପ୍ରଦାନ କରିଛ' । ଏହି କାର୍ଯ୍ୟକ୍ରମରେ ଚମ୍ପୁଆ ବିଧାୟିକାଙ୍କ ସହ ବଡବିଲ ପୌରପାଳିକାର ବିଜେଡି ସଭାପତି ପ୍ରଭୁଦତ ପ୍ରଧାନ, ବିଜେଡି ସଂପାଦକ ମୃତ୍ୟୁଞ୍ଜୟ ଦାସ, ଜିଲ୍ଲା ବିଜେଡି ସଂପାଦକ ଲକ୍ଷ୍ମଣ ମହା', ବଡବିଲ ପୌରପାଳିକାର ଛାତ୍ର ସଭାପତି ସୁନୀଲ ଗୁପ୍ତାଙ୍କ ସହ ଅନେକ ବିଜେଡି କର୍ମୀ ଉପସ୍ଥିତ ଥିଲେ ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G.,
Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଧର୍ମପ୍ରାଣା ମହିଳାଙ୍କ ପରଲୋକ



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମର ସମାଜସେବୀ ସୁନାକର ରାଉତଙ୍କ ଧର୍ମପତ୍ନୀ ଶୈଳବାଳା ରାଉତଙ୍କର ୭୬ବର୍ଷ ବୟସରେ ପରଲୋକ ହୋଇଯାଇଛି । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ୱାମୀ ସୁନାକର, ୩ପୁଅ, ବୋହୁ, ଝିଅ, ଜ୍ୱାଇଁ ଓ ନାତିନାତୁଣୀମାନେ ଉପସ୍ଥିତ ଥିଲେ । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସେ ଜଣେ ଧର୍ମପ୍ରାଣା, ମିଷ୍ଟଭାଷୀ ଓ ପରୋପକାରୀ ମହିଳା ଭାବରେ ପରିଚିତ ଥିଲେ । ବିୟୋଗ ଖବର ପାଇ ଭରତପୁର ସରପଞ୍ଚ ଜୀନତପ୍ରିୟଦର୍ଶିନୀ ରାଉତ, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି, ମନୋଜ ମହାନ୍ତି, ଅଲେଖ ପ୍ରସାଦ ଦାସ, ଇଂ ହରେକୃଷ୍ଣ ମେକାପ, ରାଜକିଶୋର ମହାନ୍ତି, ଶାରଦା ପ୍ରସନ୍ନ ରାଉତ, ଗୋପାଳ ଚରଣ ଦାସ ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ସ୍ୱର୍ଗତା ରାଉତଙ୍କ ବିୟୋଗରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି । ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ସଞ୍ଜୟ ମୁଖାଗ୍ନି ଦେଇଥିଲେ ।

# ସାଂସଦଙ୍କ ଘରେ ମଧ୍ୟାହ୍ନଭୋଜନ କଲେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ

ବାଲେଶ୍ୱର (ପିଏନ୍)-ନୀଳଗିରି ଏନ୍ଏସି ଅଧିନସ୍ଥ ୧୩ ନମ୍ବର ୱାର୍ଡ଼ ଗୋପିନାଥପୁର ଗ୍ରାମରେ ରେଳଷ୍ଟେସନର ଶିଳାନ୍ୟାସ କରିଛନ୍ତି କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସହିତ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ନୀଳଗିରି ବିଧାୟକ ଶୁକାନ୍ତ ନାୟକ ଶିଳାନ୍ୟାସ ଉତ୍ସବରେ ଉପସ୍ଥିତ ଥିଲେ । ପରେ ନୂଆସାହି ଖେଳ ପଡ଼ିଆରେ ଆୟୋଜିତ ସଭାରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ବୈଷ୍ଣବ ପ୍ରଧାନମନ୍ତ୍ରୀଙ୍କ ଆଶୀର୍ବାଦ ଓ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ପ୍ରଚେଷ୍ଟାରେ ୭୦ ବର୍ଷର ସ୍ୱପ୍ନ ସାକାର ହେବାକୁ ଯାଉଛି ବୋଲି ପ୍ରକାଶ କରିଥିଲେ । ତିନିମାସ ମଧ୍ୟରେ ଗୋପିନାଥପୁରକୁ ପାସେଞ୍ଜର ଟ୍ରେନ ଚଳାଚଳ କରିବା ପାଇଁ ଲକ୍ଷ୍ୟ ରଖାଯାଇଥିଲା । ତେବେ କିଛି ବୈଷୟିକ ତୃଟି ଯୋଗୁଁ ଏଥିପାଇଁ ୭ରୁ ୮ ମାସ ସମୟ ଲାଗିଯାଇପାରେ ବୋଲି ସେ କହିଥିଲେ । ସାଂସଦ ଶ୍ରୀ ଷଡ଼ଙ୍ଗୀ ଏହି ଅବସରରେ ପ୍ରଧାନମନ୍ତ୍ରୀ ଓ ରେଳମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ । ଏହାସହିତ ଷ୍ଟେସନର ନାମ ଗୋପିନାଥପୁର ବଦଳରେ ଗୋପିନାଥ ଜୀଉ ଷ୍ଟେସନ ଭାବେ ନାମକରଣ କରିବାକୁ ରେଳମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ରେଳବିଭାଗର ଦାୟିତ୍ୱ ନେବା ପରେ ରେଳବାଇ କ୍ଷେତ୍ରରେ ଓଡ଼ିଶାର ଦ୍ରୁତ ବିକାଶ ହେଉଛି ବୋଲି କହିଥିଲେ । ଏହାପରେ ମନ୍ତ୍ରୀ ଶ୍ରୀ ବୈଷ୍ଣବ ବିଶ୍ୱେଶ୍ୱର ଟୁଡୁ ମଧ୍ୟାହ୍ନ ଭୋଜନ ପାଇଁ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଗୋପିନାଥପୁରସ୍ଥିତ ବାସଭବନକୁ ଯାଇଥିଲେ । ଦୁଇ ମନ୍ତ୍ରୀ, ସାଂସଦ ଓ ବିଧାୟକ ଏକାଠି ବସି ଖାଇଥିଲେ । କଦଳୀପତ୍ରରେ ୩୫ ପ୍ରକାରର ବ୍ୟଞ୍ଜନରେ ଆପ୍ୟାୟିତ ହୋଇଥିଲେ ଅତିଥିମାନେ ।

## ଭରତପୁର ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଖୋଲିଲା



କେନ୍ଦ୍ରାପଡ଼ା (ପିଏନ୍: କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପ୍ରାଥମିକ କୃଷି ସମବାୟ ସମିତିରେ ଚଳିତ ଖରିଫ ଧାନ ସଂଗ୍ରହ ପାଇଁ ଧାନମଣ୍ଡି ଉଦ୍ଘାଟିତ ହୋଇଯାଇଛି । କେନ୍ଦ୍ରାପଡା ସମବାୟ ସମିତି ସମୂହର ସହକାରୀ ନିବନ୍ଧକ ସନ୍ତୋଷ କୁମାର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହି ଧାନମଣ୍ଡିକୁ ଉଦ୍ଘାଟନ କରି ସରକାରୀ ନୀତିନିୟମ ଅନୁଯାୟୀ ଶାନ୍ତିଶୃଙ୍ଖଳାର ସହିତ ଏହି ଧାନମଣ୍ଡିକୁ ପରିଚାଳନା କରିବାକୁ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଭରତପୁର ପଞ୍ଚାୟତ ସରପଞ୍ଚ ଜୀନତ ପ୍ରିୟଦର୍ଶିନୀ ରାଉତ, ସମବାୟ ସମିତି ସମୂହର ଉପନିବନ୍ଧକ ମନମୋହନ ରାଉତ, ସମିତି ପ୍ରଶାସକ ସଚ୍ଚିଦାନନ୍ଦ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସମିତିର ସମ୍ପାଦକ ସୁବୋଧ କୁମାର ଲେଙ୍କା ଅତିଥିମାନଙ୍କୁ ସ୍ୱାଗତ କରିବା ସହ ମୁଖ୍ୟଅତିଥି ଶ୍ରୀ ଦାସଙ୍କ ନିର୍ଦ୍ଦେଶକୁ ପାଳନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ସମିତିର ପୂର୍ବତନ ସଭାପତି ବସନ୍ତ କୁମାର ରାଉତ, ପୂର୍ବତନ ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ରାଉତ, ପିତାମ୍ବର ସାମଲ, ଅକ୍ଷୟ କୁମାର ମନ୍ତ୍ରୀ, ଧାନକ୍ରୟ କମିଟି ସଭ୍ୟ ଅକ୍ଷୟ କୁମାର ପତି, ଗୋଲଖ ମଳିକ, ଗୌରାଙ୍ଗ ଲେଙ୍କା, ସମିତିର ସହକାରୀ ସମ୍ପାଦକ ଜଗନ୍ନାଥ ସେଣ, ଶାରଦା ପ୍ରସନ୍ନ ରାଉତ, ସ୍ମୃତି ପ୍ରିୟଦର୍ଶିନୀ ଦାସ, ଧନେଶ୍ୱର ସେଠୀ, ଚାଷୀ କିଶୋର ଚନ୍ଦ୍ର ଜେନା, ପ୍ରମୋଦ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

## ଲେପର୍ସ ପରିବାରକୁ ସହଯୋଗର ହାତ ବଢାଇଲା ରେଡ୍ ସ୍ୱସ୍ତିକ୍ ସୋସାଇଟି

ଭୁବନେଶ୍ୱର (ପିଏନ୍): କାହାର ପାପୁଲି ନାହିଁ ତ, କାହାର ପାଦ ନାହିଁ । ନା ଏମାନେ କୌଣସି କାମଧନ୍ଦା କରି ରୋଜଗାର କରିପାରନ୍ତି । କେବଳ ଭିକ୍ଷା କଲେ ଏମାନଙ୍କ ସଂସାରର ଚୁଲି ଜଳେ । ଅଭାବ ଓ ଅନାଟନ ମଧ୍ୟରେ ଜୀଇଁ ରହିଥିବା ଭୁବନେଶ୍ୱର ଉପକଣ୍ଠ ଯାଁଳାସ୍ଥିତ ଲେପର୍ସ କଲୋନୀରେ ରହୁଥିବା ପରିବାରର ଏ ହେଉଛି ଜୀବନ ସଂଘର୍ଷର କଥା । ସମ୍ପ୍ରତି ରାଜ୍ୟରେ ଶୀତର ପ୍ରକୋପ ବୃଦ୍ଧି ପାଇବାରେ ଲାଗିଛି । ପାରଦ ଦିନକୁ ଦିନ ଖସିବାରେ ଲାଗିଛି । ଅର୍ଥ ଅଭାବ ଯୋଗୁଁ ଏମାନଙ୍କ ପକ୍ଷେ ଖଣ୍ଡିଏ କମ୍ବଳ ଅଥବା ଶୀତବସ୍ତ୍ର କିଣିବା ସାତ ସପନ । ଜାଡ଼ ସହିନପାରି କେବଳ କାଠନିଆଁକୁ ଭରସା କରି ରାତିସାରା ନିଆଁ ଚରିପାଖରେ ଏମାନେ ବସିରହନ୍ତି । ଏମାନଙ୍କର ଏ ଦୁଃଖ ଦୁର୍ଦ୍ଦଶା ଖବର ଶୁଣି ରାତାରାତି ସହଯୋଗର ହାତ ବଢାଇଛି ସାମାଜିକ ଅନୁଷ୍ଠାନ ରେଡ୍ ସ୍ୱସ୍ତିକ୍ ସୋସାଇଟି ଓଡ଼ିଶା ଶାଖା । ଅନୁଷ୍ଠାନ ପକ୍ଷରୁ ୬୦ଟି ଲେପର୍ସ ପରିବାରକୁ ରାତାରାତି ଶୀତବସ୍ତ୍ର ଯୋଗାଇ ଦିଆଯାଇଛି । ଶୀତବସ୍ତ୍ର ପାଇ ଭାବବିହ୍ୱଳ ହୋଇ ପରିବାର ଲୋକେ ଖୁସି ପ୍ରକଟ କରିଥିଲେ । ସାମାଜିକ କର୍ମୀ ସୁଶାନ୍ତ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ବଣ୍ଟନ କାର୍ଯ୍ୟକ୍ରମରେ ରେଡ୍ ସ୍ୱସ୍ତିକ୍ ସୋସାଇଟି ଓଡ଼ିଶା ଶାଖାର ସମ୍ପାଦକ ଦେବାଶିଷ ପଟ୍ଟନାୟକ, ସାମାଜିକ କର୍ମୀ ମନୋଜ ପ୍ରଧାନ, ପ୍ରଦୀପ୍ତ ରଞ୍ଜନ ରାଉତ, ସୁସ୍ମିତାରାଣୀ ରାଉତ ଏବଂ ବାଳକୃଷ୍ଣ ରାଉତ ପ୍ରମୁଖ ଉପସ୍ଥିତ ରହି ଲେପର୍ସ ପରିବାରକୁ ଶୀତବସ୍ତ୍ର ବଣ୍ଟନରେ ସହଯୋଗ କରିଥିଲେ । ସୋସାଇଟିର ଏତାଦୃଶ କାର୍ଯ୍ୟକୁ ଲେପର୍ସ ପରିବାର ପକ୍ଷରୁ ପ୍ରଶଂସା କରାଯିବା ସହ ସାଧୁବାଦ ଜଣାଇଥିଲେ । ସଂଗଠନ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯିବା ସହ ସ୍ୱାଗତ ବି କରାଯାଇଛି ।




## ଦୋକାନ ଉପରେ ଚଢିଗଲା ତେଲ ଟ୍ୟାଙ୍କର ,ଚାଳକ ଅଟକ




ଖୋର୍ଦ୍ଧା,(ପିଏନ):ଖୋର୍ଦ୍ଧା ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ବଜାର ଉପରେ ଭାରସାମ୍ୟ ହରାଇ ନୟାଗଡରୁ ଆସୁଥିବା ଓଆର ୧୬ ବି ୩୨୭୮ ନମ୍ବର ବିଶିଷ୍ଟ ତେଲ ଟ୍ୟାଙ୍କରଟି ଡାହାଣ ପାର୍ଶ୍ୱରେ ରହିଥିବା ଏକ ଜଳଖିଆ ଦୋକାନ ସହ ଜ୍ୟୋତିଷ କାର୍ଯ୍ୟାଳୟ ଉପରେ ଚଢି ଯାଇଥିଲା । ଏଥିରେ କେହି ମୃତାହତ ହୋଇ ନଥିବା ବେଳେ ଦୋକାନ ଗୁଡିକ ଭାଙ୍ଗିରୁଜି ଯାଇଛି । ଏ ନେଇ ବାଘମାରୀ ଥାନା ପୋଲିସ ଘଟଣା ସ୍ଥଳରେ ପହଂଚି ଗାଡିଟିର ଚାଳକଙ୍କୁ ଅଟକ ରଖି ତଦନ୍ତ ଚଳାଇଛି ।

## ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ,ଶେଷ ଦିନରେ ୪୮୧ଜଣ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

ଧର୍ମଶାଳା,(ପିଏନ୍): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ ପ୍ରକ୍ରିୟାର ଆଜି ଶେଷ ଦିନରେ ଧର୍ମଶାଳା ବ୍ଲକ ଓ ପଂଚାୟତ କାର୍ଯ୍ୟାଳୟରେ ଆଜି ୪୮୧ ଜଣ ପ୍ରାର୍ଥୀ ସେମାନଙ୍କର ନାମାଙ୍କପତ୍ର ଦାଖଲ କରିଛନ୍ତି । ଧର୍ମଶାଳା ବ୍ଲକରେ ୪୫ ଗୋଟି ପଂଚାୟତ ଓ ୬୩୭ ଗୋଟି ୱାର୍ଡରେ ସରପଂଚ, ସମିତିସଭ୍ୟ ଓ ୱାର୍ଡ ସଭ୍ୟ ପାଇଁ ନାମାଙ୍କନ ପତ୍ର ଦାଖଲ ଶେଷ ହୋଇଛି ।ତେବେ ଏହି ବ୍ଲକ ଆରୁହା ପଂଚାୟତରେ ସରପଂଚ ପଦବୀ ପାଇଁ ଜଣେ ମାତ୍ର ପ୍ରାର୍ଥୀ ବନପ୍ରଭା ବଳ ଆଜି ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ଫଳରେ ଯାଂଚ ପ୍ରକ୍ରିୟା ଶେଷ ହେବା ପରେ ତାଙ୍କୁ ଅପ୍ରତିଦ୍ୱନ୍ଦୀ ସରପଂଚ ଭାବେ ଘୋଷଣା କରାଯିବ ବୋଲି ବିଡିଓ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି । ଆଜି ନାମାଙ୍କନ ଦାଖଲର ଶେଷ ଦିନରେ ବ୍ଲକ କାର୍ଯ୍ୟାଳୟରେ ସମିତି ସଭ୍ୟ ପାଇଁ ୫୭ ଜଣ , ବିଭିନ୍ନ ପଂଚାୟତ କାର୍ଯ୍ୟାଳୟରେ ସରପଂଚ ପଦ ପାଇଁ ୭୭ ଜଣ ଓ ୱାର୍ଡ ସଭ୍ୟ ପାଇଁ ୩୪୭ ଜଣ ମୋଟ ୪୮୧ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ଆଜି ଶେଷ ଦିନ ସୁଦ୍ଧା ଧର୍ମଶାଳା ବ୍ଲକରେ ସମିତି ସଭ୍ୟ ପାଇଁ ୧୬୪ଜଣ, ସରପଂଚ ପଦବୀ ପାଇଁ ୨୦୬ ଜଣ ଓ ୱାର୍ଡ ସଭ୍ୟ ପାଇଁ ୧୦୧୩ ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

## ଶିଶୁ ସାହିତ୍ୟିକ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ପତ୍ନୀଙ୍କ ପରଲୋକ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ମୁରାରିପୁର ସ୍ଥିତ ଓଡ଼ିଶାର ଲବ୍ଧ ପ୍ରତିଷ୍ଠ ଶିଶୁ ସାହିତ୍ୟ ସ୍ରଷ୍ଟା ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ପତ୍ନୀ କାଂଚନ ତ୍ରିପାଠୀ (୯୦)ଙ୍କର ଗତକାଲି ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ମୃତ୍ୟୁ ସମୟରେ ତାଙ୍କ ସାନପୁଅ ବ୍ରଜରାଜ ତ୍ରିପାଠୀ ଓ ବୋହୂ ରୀନା ପତି ଓ ଝିଅ ବିଦ୍ୟୁତ୍‌ପ୍ରଭା ତ୍ରିପାଠୀ ଉପସ୍ଥିତ ଥିଲେ । ବାହାରେ ରହୁଥିବା ତାଙ୍କର ବଡ଼ପୁଅ ପୃଥ୍ୱୀରାଜ ତ୍ରିପାଠୀ ଆର୍ଜି ଗ୍ରାମରେ ପହଂଚିବାପରେ କାଂଚନ ଦେବୀଙ୍କ ଶେଷକୃତ୍ୟ ଗ୍ରାମ ଶ୍ମଶାନରେ କରାଯାଇଥିଲା । ମୃତ୍ୟୁ ସମ୍ବାଦ ପ୍ରଚାରିତ ହେବାପରେ ଆଜି ଗ୍ରାମର ବିଶିଷ୍ଟ ବ୍ୟକ୍ତି ରବୀନ୍ଦ୍ର ତ୍ରିପାଠୀ, ସମାଜସେବୀ ଦିଲୀପ କୁମାର ଜେନା, ଗୋକର୍ଣ୍ଣିକା ସାହିତ୍ୟ ସମାଜ ସଭାପତି ରମାକାନ୍ତ ଜେନା, ସଂପାଦକ ହୃଷୀକେଶ ସାମଲ ପ୍ରମୁଖ ପହଂଚି ଶେଷ ଦର୍ଶନ କରି ଶବାଧାରରେ ପୁଷ୍ପଗୁଚ୍ଛ ପ୍ରଦାନ କରି ତାଙ୍କ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜ୍ଞାପନ କରିଥିଲେ । ସାନପୁଅ ବ୍ରଜରାଜ ତ୍ରିପାଠି ମୁଖାଗ୍ନୀ ଦେଇଥିଲେ ।

## ବାଲେଶ୍ୱର ବିଜେପିର ମିଶ୍ରଣ ପର୍ବ

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ୨୯ ନମ୍ବର ଜୋନ ସାର୍ଥା ପଞ୍ଚାୟତର ବରିଷ୍ଠ ବିଜେଡି ନେତା ଅମୁଲ୍ୟ ମଣ୍ଡଳଙ୍କ ନେତୃତ୍ୱରେ ମହେନ୍ଦ୍ର ସାହୁ, ଝାଡେଶ୍ୱର ଦଳାଇ, ଦୟାନିଧି ନାୟକ, ଟୁଙ୍ଗ ଦଳାଇ, ପଦ୍ମଲୋଚନ ପଟ୍ଟାୟନ, ବିଜୁ ପଳାଇ, ବିଶ୍ୱନାଥ ପଳାଇ, ବଂଶୀଧର ଦଳାଇ ପ୍ରମୁଖ ବିଧିବଦ୍ଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗଦାନ କରିଛନ୍ତି । ଅମୁଲ୍ୟ ମଣ୍ଡଳଙ୍କ କହିବା ଅନୁସାରେ ସେମାନେ କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଶାସନ ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସରଳ ନିଷ୍ଠାପର ଓ ସତତାରେ ଅନୁପ୍ରାଣିତ ହୋଇ ବିଜେଡ଼ିରୁ ପରିତ୍ୟାଗ କରି ଭାରତିୟ ଜନତା ପାର୍ଟିରେ ଯୋଗଦେଲେ ।

## ହରିଡାପାଳ ପଂଚାୟତରେ ସରପଞ୍ଚ ପ୍ରାର୍ଥିନୀ ଭାବେ ମିନତୀ ମହାରଣାଙ୍କ ନାମାଙ୍କନପତ୍ର ଦାଖଲ

ଆନନ୍ଦପୁର, (ପି.ଏନ):ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଶେଷ ହୋଇଥିବା ବେଳେ ଆନନ୍ଦପୁର ନିର୍ବାଚନ ମଣ୍ଡଳୀର ହରିଡାପାଳ ପଂଚାୟତରେ ମୋଟ୍ ୫ଜଣ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଥିବା ବେଳେ ଆଜି ମିନତୀ ମହାରଣା ସରପଂଚ ପ୍ରାର୍ଥିନୀ ଭାବେ ନାମାଙ୍କନପତ୍ର ହରିଡପାଳ ପଂଚାୟତ କାର୍ଯ୍ୟାଳୟରେ ପଂଚାୟତ ନିର୍ବାଚନ ଅଧିକାରୀ ପିଇଓ ସରୋଜ କୁମାର ସେଠୀଙ୍କ ନିକଟରେ ଦାଖଲ କରିବା ସହ ପଂଚାୟତର ଉନ୍ନତି କରିବା ପାଇଁ ଜନସାଧାରଣଙ୍କୁ ସୂଚନା ଦେଇଛନ୍ତି ।

## ବହୁ ଅନୁଷ୍ଠାନର ପ୍ରତିଷ୍ଠାତାଙ୍କ ପରଲୋକ

ଧର୍ମଶାଳା, (ପିଏନ୍): ଧର୍ମଶାଳା ବ୍ଲକ କୁମାରୀ ଶୈଳବିହାର ଗ୍ରାମର ମୁରବୀ ତଥା ବହୁ ଅନୁଷ୍ଠାନର ପ୍ରତିଷ୍ଠାତା ସୁଦର୍ଶନ ଶତପଥୀ (୮୬)ଙ୍କ ଗତକାଲି ବିଳମ୍ବିତ ରାତିରେ ପରଲୋକ ହୋଇଯାଇଛି । ସ୍ୱର୍ଗତ ଶତପଥୀ ଧର୍ମଶାଳା ବ୍ଲକ ଅବସରପ୍ରାପ୍ତ କର୍ମଚାରୀ ସଂଘର ପ୍ରତିଷ୍ଠାତା ସଭାପତି, କୁମାରୀସ୍ଥିତ ମା' ମଙ୍ଗଳା ମନ୍ଦିରର ପ୍ରତିଷ୍ଠାତା, କମାଗଡ଼ ପ୍ରସିଦ୍ଧ ହିଙ୍ଗୁଳା ଯାତ୍ରା ଓ ଯଜ୍ଞର ପ୍ରତିଷ୍ଠାତା, ଅଣ୍ଡିଆ ହାଇସ୍କୁଲର ପ୍ରତିଷ୍ଠାତା ସଂପାଦକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ । ସେ ଜଣେ ଧର୍ମପରାୟଣ ଓ ସମାଜସେବୀ ବ୍ୟକ୍ତିଥିଲେ । ସରକାରୀ ଚାକିରିରୁ ଅବସର ନେବା ପରେ ନିଜକୁ ସମାଜସେବୀରେ ନିୟୋଜିତ କରିଥିଲେ । ମୃତ୍ୟୁ ଶଯ୍ୟା ନିକଟରେ ତାଙ୍କ ଭାଇ ଭଗବାନ ଶତପଥୀ, ବିଜୟ ଶତପଥୀ, ପୁତ୍ର ପ୍ରମୋଦ ଶତପଥୀ, ପ୍ରବୋଧ ଶତପଥୀ ଓ ପୁତ୍ରବଧୂ, ନାତିନାତୁଣୀ ଉପସ୍ଥିତ ଥିଲେ । ମୃତ୍ୟୁ ସମ୍ବାଦ ପ୍ରଚାରିତ ହେବାପରେ ଅବସରପ୍ରାପ୍ତ କର୍ମଚାରୀ ସଂଘ, ବରିଷ୍ଠ ନାଗରିକ ମଂଚର କର୍ମକର୍ତ୍ତା,ପୂର୍ବତନ ବ୍ଲକ ଅଧକ୍ଷ କିଶାନ ପଣ୍ଡା, ଅଂଶୁମାନ ଟ୍ରଷ୍ଟ ସଂପାଦକ ହିମାଂଶୁ ଶେଖର ସାହୁ,ଗୋକର୍ଣ୍ଣିକା ସମ୍ପାଦକ ରମାକାନ୍ତ ଜେନା,ସୁନାକର ସାହୁ, ହୃଷୀକେଶ ସାମଲ, ସମାଜସେବୀ ଦିଲୀପ କୁମାର ଜେନା, ସଂଗ୍ରାମ କେଶରୀ ଜେନା, ବ୍ରଜ ଶତପଥୀ, ବ୍ରଜ କିଶୋର ଦାଶ, ବେଣୁଧର ଦାସ, ଦେବରାଜ ମିଶ୍ର,କରୁଣାକର ବରାଳ, ବିଜୟ ବରାଳ, ସବ୍ୟସାଚୀ ବେହେରା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରି ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ । ସ୍ୱର୍ଗତ ଶତପଥୀଙ୍କ ମରଶରୀରକୁ ଗ୍ରାମ୍ୟ ପରିକ୍ରମା କରାଯାଇ ତାଙ୍କ ଜନ୍ମସ୍ଥାନ କମାଗଡ଼ ପଂଚାୟତ ବେତମାଳି ଶାସନ ଗ୍ରାମ୍ୟ ଶ୍ମଶାନରେ ଶେଷକୃତ କରାଯାଇଥିଲା । ତାଙ୍କ ବଡ଼ପୁଅ ପ୍ରମୋଦ ମୁଖାଗ୍ନି ଦେଇଥିଲେ ।

## କାଇପଦର ସେବା ସମବାୟ ସମିତିର ଧାନ ମଣ୍ଡି ଖୋଲିଲା

ଖୋର୍ଦ୍ଧା,(ପିଏନ):ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କାଇପଦର ସେବା ସମବାୟ ସମିତିର ଧାନ ମଣ୍ଡି ଆଜି ପୂର୍ବାହ୍ନରେ ଖୋଲିଥିଲା ।ଏହି ମଣ୍ଡିରେ ୪ ଜଣ ଚାଷୀ କାଳୁ ଚରଣ ହରି ଚନ୍ଦନ,ମାଧବ ଚନ୍ଦ୍ର ପରିଡା,ପ୍ରହଲ୍ଲାଦ ସାହୁ ଓ ମହନ୍ତ ଚରଣ ସାମନ୍ତରାୟଙ୍କ ଠାରୁ ମୋଟ ୯୧ ବସ୍ତା ଧାନର ପରିମାଣ ୫୦ କ୍ୟୁଇଟାଂଲ ୪୦ କେଜି ଧାନକୁ ମିଲର ଆସି ନେଇଥିଲା ।ଏଥିରେ ସମବାୟ ସମିତିର ସମ୍ପାଦକ ଝଜ ସାମନ୍ତରାୟ,ସହ ସମ୍ପାଦକ କୈଳାସ ଚନ୍ଦ୍ର ଶ୍ରୀ ଚନ୍ଦନ,ମିଲର ମନୋଜ କୁମାର ସାହୁଙ୍କ ସମେତ ୫୦ ରୁ ଉର୍ଦ୍ଧ୍ୱ ଚାଷୀ ଯୋଗ ଦେଇଥିଲେ ।

## କୁମାରୀ ପଂଚାୟତ ସମିତି ସଭ୍ୟ ଓ ସରପଂଚ ପ୍ରାର୍ଥୀଙ୍କ ନାମାଙ୍କନପତ୍ର ଦାଖଲ



ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକର କୁମାରୀ ପଂଚାୟତର ସମିତିସଭ୍ୟ ପାଇଁ ବିଜେଡି ସମର୍ଥୀତ ପ୍ରାର୍ଥୀ ଭାବେ ବ୍ଲକ ଅଧକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଓ ସରପଂଚ ପ୍ରାର୍ଥୀ ଭାବେ କବିତା ବେହେରା ଆଜି ନାମାଙ୍କପତ୍ର ଦାଖଲ କରିଛନ୍ତି । ଗତ ତ୍ରିସ୍ତରୀୟ ନିର୍ବାଚନରେ ପ୍ରଭାତ ଭବାନୀପୁର ପଂଚାୟତରୁ ସମିତି ସଭ୍ୟ ଭାବେ ବିଜୟୀ ହୋଇ ବ୍ଲକ ଅଧ୍ୟକ୍ଷ ହୋଇଥିଲେ । ସେହିପରି କୁମାରୀ ପଂଚାୟତରୁ ଗତ ଉପନିର୍ବାଚନରେ ସରପଂଚ ଭାବେ ବିଜୟୀ ହୋଇଥିବା କବିତା ବେହେରା ପୁଣିଥରେ ସରପଂଚ ପ୍ରାର୍ଥୀ ଭାବେ ନାମାଙ୍କନପତ୍ର ଦାଖଲ କରିଛନ୍ତି । ସେହିପରି ଧର୍ମଶାଳା ଗାର୍ଲସ ୱିଙ୍ଗ୍ ସଭାନେତ୍ରୀ କ୍ଷୀରାବ୍ଧି ତନୟା ମଳିକ ଉତ୍ତରପ୍ରତାପ ପଂଚାୟତରୁ ସମିତିସଭ୍ୟ ଭାବେ ବିଜେଡି ସମର୍ଥନରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ତେବେ ଧର୍ମଶାଳା ବ୍ଲକରେ ବିଜେଡିର ପଲ୍ଲା ଭାରିଥିବାରୁ ଏହି ଦଳୀୟ ସମର୍ଥୀତ ପ୍ରାର୍ଥୀମାନଙ୍କ ବିଜୟୀ ହେବାର ଆଶା ରହିଛି । ଶ୍ରୀ ବଳବନ୍ତରାୟ ଓ ଶ୍ରୀମତୀ ବେହେରାଙ୍କ ପ୍ରାର୍ଥୀପତ୍ର ଦାଖଲ ସମୟରେ ଅଂଶୁମାନ ମେମୋରିଆଲ ଟ୍ରଷ୍ଟ ସଂପାଦକ ହିମାଂଶୁ ଶେଖର ସାହୁ, ଯୁବ ବିଜେଡି ସଭାପତି କ୍ଷିତିଶ ନାୟକ, ପଂଚାୟତ ବିଜେଡି ସଭାପତି ସଂଗ୍ରାମ କେଶରୀ ଜେନା ଓ ସୁଶାନ୍ତ କୁମାର ନାୟକ, ବିଜୟ କୁମାର ବରାଳ, ଓ କଳ୍ପତରୁ ସାହୁ ପ୍ରମୁଖ ଉପସ୍ଥିତ ରହିଥିଲେ।




2021-2022

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada


## କୁଣ୍ଡେଇ ପଂଚାୟତରେ ନିବେଦିତାଙ୍କ ପ୍ରାର୍ଥୀତ୍ୱ କୁ ନେଇ ଚର୍ଚ୍ଚା



କାକଟପୁର,(ପି.ଏନ): କାକଟପୁର ବ୍ଲକ ଅଧିନସ୍ଥ କୁଣ୍ଡେଇ ଗ୍ରାମ ପଂଚାୟତ ପାଇଁ ଆଜି ନାମାଙ୍କନ ଦାଖଲରେ ଶେଷ ଦିବସରେ ସ୍ୱାଧିନ ପ୍ରାର୍ଥୀ ଭାବେ ପାଟପୁର ଗ୍ରାମର ନିବେଦିତା ନାୟକ କୁଣ୍ଡେଇ ପଂଚାୟତର ସରପଂଚ ପଦବୀ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । କୁଣ୍ଡେଇ ପଂଚାୟତର ବିକାଶ ଓ ବିଭିନ୍ନ ଉନ୍ନତି ମୂଳକ କାର୍ଯ୍ୟରେ ସଠିକ ବିନିଯୋଗ ଲୋକଙ୍କ ପାଖରେ ପହଁଚାଇବା ନିବେଦିତାଙ୍କର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବୋଲି ବିବେଦିତା ନିଜ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ଦୀର୍ଘ ଦିନ ହେବ ଏହି ପଂଚାୟତର ସରପଂଚ ପଦବୀ ବିଜେଡି ଓ କମ୍ୟୁନିଷ୍ଟ ହାତକୁ ଯାଇଥିବା ବେଳେ ଚଳିତ ଥର ନିବେଦିତାଙ୍କ ପ୍ରାର୍ଥୀପତ୍ର ଦାଖଲ ରାଜନୈତିକ ସମୀକ୍ଷକଙ୍କ ମଧ୍ୟରେ ନୂତନ ସମିକରଣ ସୃଷ୍ଟି କରିଛି । ଏହି ପଂଚାୟତରେ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ହୋଇପାରିନଥିବା ବେଳେ ନିବେଦିତାଙ୍କୁ ଏହି ପଂଚାୟତର ଜନସାଧାରଣ ଯଦି ଆଗାମୀ ଦିନରେ ବିଜୟର ସ୍ୱାଦ ଚଖାନ୍ତି ତେବେ ସେ ପଂଚାୟତକୁ ଆହୁରି ସରସ ସୁନ୍ଦର କରିପାରିବେ ବୋଲି ତାଙ୍କ ସମର୍ଥକମାନେ ଆଶା ପୋଷଣ କରିଛନ୍ତି । ଆଜି ସୁଦ୍ଧା କୁଣ୍ଡେଇ ପଂଚାୟତରେ ୭ଜଣ ସରପଂଚ ପ୍ରାର୍ଥୀ ଓ ୭୧ଜଣ ୱାର୍ଡ ସଭ୍ୟ ସଭ୍ୟା ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

## ଅଜଣା ଗାଡି ଧକ୍କାରେ ସ୍କୁଟି ଚାଳକ ମୃତ୍ୟୁ,ଜଣେ ଗରୁତର

ଖୋର୍ଦ୍ଧା, (ପିଏନ):ଖୋର୍ଦ୍ଧା ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାଘମାରୀ ସାରୁଅ ମଝିରେ ଥିବା ଶଙ୍ଖ ନିକଟରେ ଆଜି ସକାଳେ ଏକ ସଡକ ଦୁର୍ଘଟଣାରେ ସ୍କୁଟି ଚାଳକ ଘଟଣା ସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଆରୋହୀ ଜଣକ ଗୁରୁତର ଆହତ ହୋଇ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି । ବାଘମାରୀ ଥାନା ଅଧିକାରୀଣୀ ଅର୍ଚ୍ଚନା ମଲ୍ଲିକଙ୍କ ସୂଚନା ମୁତାବକ ପୁରୀ ଜିଲ୍ଲା ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ହରିରାଜପୁର ଗ୍ରାମର କବିରାଜ ବିଶ୍ୱାଳ ଓ ସୂର୍ଯ୍ୟକାନ୍ତ ବିଶ୍ୱାଳ ସ୍କୁଟି ଯୋଗେ ସିମୋର ଗ୍ରାମକୁ କୌଣସି ଏକ କାର୍ଯ୍ୟରେ ଆସୁଥିଲେ । ତେବେ ବାଘମାରୀ-ସାରୁଅ ମଧ୍ୟରେ ରହିଥିବା ଶଙ୍ଖ ନିକଟରେ କୌଣସି ଏକ ଅଜଣା ଗାଡି ଧକ୍କାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏଥିରେ କବିରାଜଙ୍କ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିବା ବେଳେ ସୂର୍ଯ୍ୟକୁ ୧୦୮ ଆମ୍ବୁଲାନସ ଯୋଗେ ଖୋର୍ଦ୍ଧା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରି ଚିକିତ୍ସିତ କରାଯାଉଛି । ଏ ନେଇ ବାଘମାରୀ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତକଙ୍କ ଶବକୁ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।




Bhubaneswar Saturday January 22, 2022 ଭୁବନେଶ୍ୱର ଶନିବାର, ଜାନୁଆରୀ ୨୨,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

# ଅଜନ୍ତା ୟୁଥ୍ କ୍ଲବ କ୍ରିକେଟ, ଢେଙ୍କିକୋଟ ଚମ୍ପିୟାନ



ଢେଙ୍କିକୋଟ, (ପି.ଏନ): ଘଟଗାଁ ବ୍ଲକ ଅନ୍ତର୍ଗତ ମନୋହରପୁର ଗ୍ରାମପଂଚାୟତ ଖଜୁରିଜୁଆଣି ଠାରେ ଚାଲିଥିବା ଅଜନ୍ତା ୟୁଥ୍ କ୍ଲବ ତରଫରୁ ଅଷ୍ଟମ ବାର୍ଷିକ କ୍ରିକେଟର ମେଗା ଫାଇନାଲ ଆଜି ଅନୁଷ୍ଠିତ ହୋଇଯାଇଛି । ଢେଙ୍କିକୋଟ ଦଳ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୨ଓଭରରେ ୧୧୭ ରନ୍ ସଂଗ୍ରହ କରିଥିଲା । ପରେ ଭୋଳବେଡା ଦଳ ବ୍ୟାଟିଂ କରି ସମସ୍ତ ଉଇକେଟ୍ ହରାଇ ୧୦୨ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା । ବିଜେତା ଦଳକୁ ଅର୍ଥ ରାଶି ୧୦ହଜାର ଓ ଉପବିଜେତା ଦଳକୁ ଅର୍ଥ ରାଶି ୮ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଫାଇନାଲ ଖେଳରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ଜିଲ୍ଲା ବିଜୁ ଜନତା ଦଳର ଉପସଭାପତି ସେକ୍ ଇମ୍ରାନ୍, ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ସଂଜୟ କୁମାର ସାହୁ, ସମ୍ମାନୀତ ଅତିଥି ଭାବେ ସେକ୍ ତାହିର, ଅନାଦି ସିଂ, ନିର୍ମଳ ଚନ୍ଦ୍ର ମହାନ୍ତ, ଘଟଗାଁ ବିଜୁ ଛାତ୍ର ସମ୍ପାଦକ ଆଶିଷ ମଣ୍ଡଳ, ସଂଗଠକ ରିତେସ୍ ବେହେରା, ରାଜା ମହାକୁଡ, ଅଜିତ କୁମାର ପାଢୀ ପ୍ରମୁଖ ଯୋଗ ଦେଇଥିଲେ । ଅଜନ୍ତା ୟୁଥ୍ କ୍ଲବର ମାନସ ରଂଜନ ମଞ୍ଚ ପରିଚାଳନା କରିଥିବା ବେଳେ ଖେଳ ପରିଚାଳନା କରିଥିଲେ ସୌଦାଗର ଓ ଉମାକାନ୍ତ, ସ୍କୋରର ଥିଲେ ବିଶ୍ୱନାଥ ଓ ପଙ୍କଜ । ଭାଷ୍ୟକାର ଭାବେ ଈଶ୍ୱର ନାଏକ ଓ ପିଙ୍କୁ ନାଏକ ଦାୟୀତ୍ୱ ନିର୍ବାହ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଶିବ ନାଏକ, ବି.ବି.ସି. ବେହେରା ପ୍ରମୁଖ ସହଯୋଗ କରିଥିଲେ । ଗ୍ରାମର ବରିଷ୍ଠ ବ୍ୟକ୍ତି ଗୌରହରୀ ଦଳେଇ, ମଧୁସୂଦନ ନାଏକ, ଦୁଃଶାସନ ନାଏକ, ଭାସ୍କର ନାଏକ ପ୍ରମୁଖ ଉପସ୍ଥିତ ରହି ଉତ୍ସାହିତ କରିଥିଲେ ।

## କଂଗ୍ରେସ ଓ ବିଜେପିର ୨୫ପରିବାର ବିଜେଡିରେ ସାମିଲ

ଆନନ୍ଦପୁର, (ପି.ଏନ):ଆନନ୍ଦପୁର ବ୍ଲକ ବୁଢିକୁଦ ପଂଚାୟତରେ ବୁଧବାର ଅନୁଷ୍ଠିତ ହୋଇଥିବା ମିଶ୍ରଣ ପର୍ବରେ ୨୫ଗୋଟି ପରିବାର କଂଗ୍ରେସ ଓ ବିଜେପି ଲୋକ ବିଜେଡିରେ ସାମିଲ ହୋଇଥିଲେ । ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୁବନେତା ଦେବପ୍ରିୟ ପାତ୍ର, ଆନନ୍ଦପୁର ବ୍ଲକ ଅଧ୍ୟକ୍ଷ ମମତା ନାଇକ, ସମାଜେସବୀ ରବିନ୍ଦ୍ର ସ୍ୱାଇଁ, ପିୟୁଷ ଦାସଙ୍କ ସମେତ ବହୁ ଦଳୀୟ କର୍ମୀ ଉପସ୍ଥିତ ରହି ଦଳ ପାଇଁ ନବାଗତଙ୍କୁ ସ୍ୱାଗତ କରିଥିଲେ । କାବେରୀ ନାଇକ, ଅଜୟ ନାଇକ, ବିଜୟ ନାଇକ, କସ୍ତୁ ମହାପାତ୍ର, ସୟ ନାଇକ, ବିଚିତ୍ର ନାଇକ, ଜନତା ନାଇକ, ପାଟୁଳି ନାଇକ, ବିଳାଶିନୀ ନାଇକ, ପୂର୍ଣ୍ଣିମା ନାଇକ,ଆମ୍ବିଲି ନାଇକ,ଝୁମରୀ ନାଇକ,ସାବିତ୍ରୀ ନାଇକ, ଅଧିକାରୀ ନାଇକ, ଶରତ ନାଇକ, ଉଗ୍ରେସନ ନାଇକ, କୃଷ୍ଣଚନ୍ଦ୍ର ନାଇକ, ସନ୍ଧ୍ୟାରାଣୀ ନାଇକ, ଚରଣ ନାଇକ, ନାୟାରଣ ନାଇକ, ସରୋଜିନୀ ନାଇକ, ଅଜିତ୍ ନାଇକ, ଅଭିସିକ୍ତା ନାଇକଙ୍କ ପରିବାର ବର୍ଗ ବିଜେଡିରେ ସାମିଲ ହୋଇଥିଲେ ।

# ଧାନମଣ୍ଡଳ ପଂଚାୟତର ସରପଂଚ ପ୍ରାର୍ଥୀ ଚନ୍ଦନ କୁମାର ପଣ୍ଡାଙ୍କ ପ୍ରାର୍ଥୀପତ୍ର ଦାଖଲ



ଚଣ୍ଡିଖୋଲ,(ପି.ଏନ୍): ବଡ଼ଚଣା ବ୍ଲକ୍ ଅନ୍ତର୍ଗନ ଧାନମଣ୍ଡଳ ପଂଚାୟତର ସରପଂଚ ପ୍ରାର୍ଥୀ ଚନ୍ଦନ କୁମାର ପଣ୍ଡା ସ୍ୱାଧିନପ୍ରାର୍ଥୀ ଭାବେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଚନ୍ଦନ କୁମାର ପଣ୍ଡା ଜଣେ ଯୁବ ସମାଜସେବୀ ଭାବେ ନିଜକୁ ସାଧାରଣ ଲୋକଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି। ଧାନମଣ୍ଡଳ ପଂଚାୟତର ସର୍ବାଙ୍ଗୀନ ଉନ୍ନତି ଓ ଜନ ସାଧାରଣଙ୍କର ସେବା ପାଇଁ ଶ୍ରୀ ପଣ୍ଡା ଧାନମଣ୍ଡଳ ପଂଚାୟତ କାର୍ଯ୍ୟାଳୟରେ ପଂହଚି ନିର୍ବାଚନ ଅଧିକାରୀଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। କୋଭିଡ୍ ନିମାନୁସାରେ ତାଙ୍କ ସହିତ ପ୍ରସ୍ତାବକ ଓ ସମର୍ଥକ ସେଠାରେ ଉପସ୍ଥିତ ଥିଲେ।

# ସମିତି ସଭ୍ୟ ପ୍ରାର୍ଥୀ ଭାବେ ଜଗନ୍ନାଥ ମୁଦୁଲି ଦାଖଲ କଲେ ପ୍ରାର୍ଥୀ ପତ୍ର

ଚଣ୍ଡିଖୋଲ,(ପି.ଏନ୍):ବଡ଼ଚଣା ବ୍ଲକ୍ ଭୁଷଣ୍ଡପୁର ପଂଚାୟତର ଯୁବ ସମାଜସେବୀ ତଥା ବିଜେଡ଼ି ସମର୍ଥିତ ସମିତି ସଭ୍ୟ ପାଇଁ ଜଗନ୍ନାଥ ମୁଦୁଲି ଆଜି ବଡ଼ଚଣା ବ୍ଲକ୍ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଶ୍ରୀ ମୁଦୁଲି ସକାଳେ ତାଙ୍କ ଗ୍ରାମ ମହାଖଳାର ପ୍ରସିଦ୍ଧ ଠାକୁର କାଳିଆ ଷଣ୍ଡଙ୍କ ନିକଟରେ ପୂଜାର୍ଚ୍ଚନା କରି ମା ତାରିଣୀଙ୍କ ତାଙ୍କ ପୀଠ ଠାରୁ ଆର୍ଶୀବାଦ ନେଇ ନିଜ ଗ୍ରାମରୁ ବାହାରି ବଡ଼ଚଣା ବ୍ଲକ୍ ଠାରେ ପଂହଚି ମଣ୍ଡଳ ଉନ୍ନୟନ ଅଧିକାରୀ ବଡ଼ଚଣାଙ୍କୁ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିଥିଲେ। କୋଭିଡ୍ ନିୟମକୁ ମାନି ତାଙ୍କ ସହିତ ସମିତି



ସଭ୍ୟା ପାର୍ବତୀ ସେଠୀ, ପ୍ରାକ୍ତନ ସରପଂଚ ରଂଜନ କୁମାର ଦାସ, ପ୍ରାକ୍ତନ ଜିଲା ପରିଷଦ ସଭ୍ୟ ପ୍ରଭାକର ସାମଲ, ଶିକ୍ଷକ ବିଷ୍ଣୁ ଚରଣ ମୁଦୁଲି, ହର୍ଯ୍ୟକ୍ଷ ସାମଲ, ଭରତ କୁମାର ସାହୁ, ପ୍ରଦୀପ୍ ମୁଦୁଲି, ଅଜିତ୍ ରାଉତ, ସୁଧାଂଶୁ ଶେଖର ବେହେରା ଓ ତାଙ୍କର ସମର୍ଥକ, ପ୍ରସ୍ତାବକ ପ୍ରମୁଖ ବ୍ଲକ୍ କାର୍ଯ୍ୟାଳୟ ଠାରେ ପଂହଚିଥିଲେ।

## ଆନନ୍ଦପୁର ତହସିଲ ପକ୍ଷରୁ ୨ ଟ୍ରାକ୍ଟର ଜବତ

ଆନନ୍ଦପୁର, (ପି.ଏନ): ଆନନ୍ଦପୁର ତହସିଲ ପକ୍ଷରୁ ୨୧ତାରିଖ ଶୁକ୍ରବାର ଦିନ ବେଆଇନ୍ ଭାବେ ବାଲି ଚାଲାଣ ଅଭିଯୋଗରେ ୨ଟି ଟ୍ରାକ୍ଟରକୁ ଜବତ କରିବା ସହ ଜୋରିମାନା ବାବାଦକୁ ୬୦ହଜାର ଟଙ୍କା ଆଦାୟ କରାଯାଇଛି ବୋଲି ଆନନ୍ଦପୁର ତହସିଲଦାର ତପନ କୁମାର ନାୟକ ସୂଚନା ଦେଇଛନ୍ତି ।

# ବିଜେଡ଼ିର ଜିଲାପରିଷଦ ପ୍ରାର୍ଥୀ ପତ୍ର ଦାଖଲ




ଫୁଲନଖରା, (ପି.ଏନ): ପ୍ରାର୍ଥୀ ପତ୍ର ଦାଖଲର ଅନ୍ତିମ ଦିବସରେ ଆଜି ବାରଙ୍ଗ ବ୍ଲକ ୩୩ ନମ୍ବର ଜୋନ ପାଇଁ ବିଜେଡ଼ି ପ୍ରାର୍ଥୀ ପତ୍ର ଦାଖଲ କରିଛି। କୋରକରା ଅଞ୍ଚଳର ଉଦୀୟମାନ ଯୁବ ସଂଗଠକ ପ୍ରଦୀପକୁମାର ଭୋଇଙ୍କ ଦଳ ପ୍ରାର୍ଥୀ ଭାବେ ଚୟନ କରିଛି। ଏହି ଅବସରରେ ଆଜି ଜିଲା ସମ୍ପାଦକ ଅକ୍ଷୟ ମହାନ୍ତି, ବ୍ଲକ ସଭାପତି ଗୋଲେଖ ପାତ୍ର, ଅଧ୍ୟକ୍ଷ ସରୋଜ ସାହୁ, ଗଗନ ଜେନା, ବିପ୍ଳବ ଯାଦବ, ବେଣୁଧର ମୂଳିଆ, ଲଳିତକୁମାର ଦାଶ, ସୁରେନ୍ଦ୍ର ମହାପାତ୍ର ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ପରେପରେ ଶ୍ରୀ ଭୋଇ କଟକ ସଦର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିଥିଲେ। ସୂଚନାଯୋଗ୍ୟ ଆଜି ମଧ୍ୟ ସମ୍ପୃକ୍ତ ଜୋନ ପାଇଁ ବିଜେପି ପକ୍ଷରୁ ଗନ୍ଧର୍ବ ଜେନା ପ୍ରାର୍ଥୀ ପତ୍ର ଦାଖଲ କରିଥିଲାବେଳେ ପୂର୍ବରୁ କଂଗ୍ରେସ ପ୍ରାର୍ଥୀ ଦୀପକ ଭୋଇ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିସାରିଛନ୍ତି।

## ଆଦର୍ଶ ଶିକ୍ଷକଙ୍କ ପରଲୋକ

ଚଣ୍ଡିଖୋଲ,(ପି.ଏନ୍): ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ଭୁଷଣ୍ଡପୁର ଗ୍ରାମରେ ଆଦର୍ଶ ଶିକ୍ଷକ ଭାବେ ରହୁଥିବା ପୂର୍ଣ୍ଣଚନ୍ଦ୍ର ମହାନ୍ତି (୮୨)ଙ୍କର ପରଲୋକ ହୋଇଯାଇଛି। ସ୍ୱର୍ଗତ ମହାନ୍ତିଙ୍କ ନିଜ ବାସସ୍ଥାନ ରସୁଲପୁର ବ୍ଲକ୍ର ରାହାମା ଗ୍ରାମର ହୋଇଥିଲେ ହେଁ ସେ ବଡ଼ଚଣା ବ୍ଲକ୍ର ଦର୍ପଣ, କୋଲସାହି, ହରିଣଟିକିରି, ସିହା ସମେତ ଅନେକ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାୟନ ଦେଇ ଅବସର ଗ୍ରହଣ କରିଥିଲେ। ଅବସର ପରେ ଭୁଷଣ୍ଡପୁର ଗ୍ରାମରେ ରହି ଛୋଟଛୋଟ ପିଲାମାନଙ୍କୁ ମାଗଣାରେ ଶିକ୍ଷାଦାନ ଦେଇ ଭଲ ମଣିଷ କରି ଗଠନ କରିବାରେ ପ୍ରଚେଷ୍ଟା ଜାରୀ ରଖିଥିଲେ। ତାଙ୍କ ଦେହ ସାମାନ୍ୟ ଅସୁସ୍ଥତା ହେବାରୁ ଭୁବନେଶ୍ୱର ତାଙ୍କ ପୁଅ ବୋହୂଙ୍କ ପାଖରେ ପଂହଚି ଡ଼ାକ୍ତରୀ ଚିକିତ୍ସାରେ ଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିବାରୁ କୋଭିଡ୍ ନିୟମ ଅନୁସାରେ ସତ୍ୟ ନଗର ଠାରେ ତାଙ୍କର ଶବ ଦାହ କରାଯାଇଥିଲା। ତାଙ୍କର ବିୟୋଗରେ ଭୁଷଣ୍ଡପୁର ପଂଚାୟତ ଅଂଚଳରେ ଛାତ୍ରଛାତ୍ରୀ, ଗୁରୁଜନ ଓ କେତେକ ସମାଜସେବୀମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି।

# ସରପଂଚ ପ୍ରାର୍ଥୀ ସୁଜିତ୍ କୁମାର ସାହୁଙ୍କ ନାମାଙ୍କନ ପତ୍ର ଦାଖଲ



ଚଣ୍ଡିଖୋଲ,(ପି.ଏନ୍):ଚଣ୍ଡିଖୋଲ ନିକଟସ୍ଥ କ୍ଷେତ୍ରପାଳ ପଂଚାୟତର ସରପଂଚ ପ୍ରାର୍ଥୀ ସୁଜିତ୍ କୁମାର ସାହୁ ଆଜି କ୍ଷେତ୍ରପାଳ ପଂଚାୟତ କାର୍ଯ୍ୟାଳୟ ଠାରେ ପଂହଚି ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସରପଂଚ ପ୍ରାର୍ଥୀ ଶ୍ରୀ ସାହୁଙ୍କ ସହିତ ପ୍ରସ୍ତାବକ ଜଗବନ୍ଧୁ ସାହୁ, ସମର୍ଥକ ମହେନ୍ଦ୍ର ପରିଡ଼ା, ପ୍ରେମାଂଶୁ ରାଉତ, ମଳୟ କୁମାର ଜେନା, ସନ୍ତୋଷ କୁମାର ବେହେରା,ବିଜୟ କୁମାର ଜେନା, ସଂଜୀବ ଜେନା ସମେତ ତାଙ୍କର ଦୃଢ଼ ସମର୍ଥକଙ୍କ ସହିତ କ୍ଷେତ୍ରପାଳ ପଂଚାୟତର ନିର୍ବାଚନ ଅଧିକାରୀ ଇଂ ରତ୍ନାକର ସାହୁଙ୍କ ନିକଟରେ ତାଙ୍କର ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି।

ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



TUITION CLASSES
for Std I to Std V
Timing: 5 PM to 6.30 PM

FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray